ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us:

ବର୍ଷ-୬ | ସଂଖ୍ୟା-୩୮ | ବୁଧବାର | ୩୦ ଏପ୍ରିଲ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-6 | Issue-38 | Wednesday | 30 April 2025 | Bhubaneswar | Pages-8 | Rs. 2.00


# ଆଜି ମୋଦିଙ୍କ ଅଧ୍ୟକ୍ଷତାରେ ବଡ଼ ବୈଠକ

## ଏଥର ପାକିସ୍ତାନ ପାଇଁ ବନ୍ଦ ହେବ ଆକାଶ ପଥ !



ନୂଆଦିଲ୍ଲୀ, ୨୯।୪ (ହି.ସ): ପହଲଗାମ ହମଲା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ବିବାଦ ଚରମସୀମାରେ ପହଞ୍ଚିଛି। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନ ଭୟରେ ଛାନିଆ ହୋଇଥିବା ପାକିସ୍ତାନକୁ ନୂଆଦିଲ୍ଲୀ ପକ୍ଷରୁ ପ୍ରଥମେ କୂଟନୀତିକ ଝଟକା ଦିଆଯାଇଥିଲା। ପହଲଗାମ ଆତଙ୍କବାଦୀ ହମଲା ପରେ ବସିଥିବା ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବୈଠକରେ ପାକିସ୍ତାନ ବିରୋଧରେ ୫ ବଡ଼ ନିଷ୍ପତ୍ତି ନିଆଯାଇଥିଲା। ସିନ୍ଧୁ ଜଳ ଚୁକ୍ତିକୁ ସ୍ଥଗିତ, ପାକିସ୍ତାନୀଙ୍କ ଭିସା ରଦ୍ଦ, ଅଟାରୀ ସୀମା ବନ୍ଦ, ଦୂତାବାସ କର୍ମଚାରୀଙ୍କ ସଂଖ୍ୟା ହ୍ରାସ ସହ ନୂଆଦିଲ୍ଲୀରେ ଅବସ୍ଥାପିତ ପାକିସ୍ତାନୀ ଦୂତାବାସର ସାମରିକ ପରାମର୍ଶଦାତା ସପ୍ତାହେ ଭିତରେ ଭାରତ ଛାଡ଼ିବା ଓ ପାକିସ୍ତାନ ସହ ସମସ୍ତ ପ୍ରକାରର ବ୍ୟବସାୟିକ ସମ୍ପର୍କ ରଦ୍ଦ କରାଯାଇଥିଲା। ଭାରତର ଏପରି କୂଟନୀତିକ ଝଟକାରେ ଥରହର ପାକିସ୍ତାନ ରକ୍ତ ଓ ଜଳ ଚୋବାଇବା ସହ ନୂଆଦିଲ୍ଲୀକୁ ପରମାଣୁ ବୋମାର ଧମକ ଦେଇ ଚାଲିଛି। ଭାରତ କୂଟନୀତିକ ଗୋଟିଏ ଚାଲନା ପରେ ପାକିସ୍ତାନକୁ ଏୟାର ଷ୍ଟ୍ରାଇକର ଭୟ ଘାରିଛି। ଏଥିପାଇଁ ପାକିସ୍ତାନ ପକ୍ଷରୁ ତା'ର ସିଆଲକୋଟ ଡିଫେନ୍ସ ରାଡାର ସିଷ୍ଟମକୁ ଫର୍ୱାର୍ଡ ପୋଜିସନକୁ ଆଣିଛି। ଭାରତୀୟ ବାୟୁସେନାର ଗତିବିଧିକୁ ଆଗୁଆ ଜାଣିବା ପାଇଁ ପାକିସ୍ତାନ ଏପରି ପଦକ୍ଷେପ ନେଇଛି। ଏସବୁ ଭିତରେ ଆସନ୍ତାକାଲି ପୁଣି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ କ୍ୟାବିନେଟ ବା ସିସିଏସ୍ ବୈଠକ ବସୁଛି। ଏହି ବୈଠକ ଦିନ ୧୧ଟାରେ ଆରମ୍ଭ ହେବ। ଏଥିରେ ପାକିସ୍ତାନ ବିପକ୍ଷରେ ବଡ଼ ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି। କୁହାଯାଉଛି ଯେ ଭାରତ ସରକାର ପାକିସ୍ତାନର ସମସ୍ତ ବିମାନ ପାଇଁ ନୂଆଦିଲ୍ଲୀର ଆକାଶ ପଥକୁ ବନ୍ଦ କରିବେ। ଭାରତ ଯଦି ଆକାଶ ପଥ ବନ୍ଦ କରିବ, ତା'ହେଲେ ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନ ବିମାନଗୁଡ଼ିକୁ ଦକ୍ଷିଣ ପୂର୍ବ ଏସିଆ ଦେଶ ଯଥା କ୍ୱାଲାଲମ୍ପୁର ଭଳି ପ୍ରମୁଖ ସ୍ଥାନକୁ • ପୃଷ୍ଠା ୭ ଦେଖନ୍ତୁ...

# ଦୀର୍ଘ ୨୬ ଦିନ ପରେ ଶାଶୁ ଘର ମା'ସାଆନ୍ତାଣୀ ବୁଢ଼ୀ ଠାକୁରାଣୀ



ବ୍ରହ୍ମପୁର, ୨୯।୪ (ଡିକେ ନ୍ୟୁଜ୍): ବ୍ରହ୍ମପୁର ସହରର ଆରାଧ୍ୟ ଦେବୀ ମା'ସାଆନ୍ତାଣୀ ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଉଦଯାପିତ ହୋଇଛି। ବାପଘରେ ଏକମାସ ରହି ଭକ୍ତଙ୍କୁ ଦର୍ଶନ ଦେବା ପରେ ମା'ସୋମବାର ଅସ୍ଥାୟୀ ପୀଠରୁ ବାହାରି ମଙ୍ଗଳବାର ଭୋରରେ ଶାଶୁଘର ତଥା ମୁଖ୍ୟମନ୍ଦିରକୁ ଫେରିଛନ୍ତି ମା'। ଯାତ୍ରାର ଶେଷ ଦିନରେ ରେଶମନଗରୀ ପାଲଟିଥିଲା ଲୋକାରଣ୍ୟ। ରାଜ୍ୟ ତଥା ରାଜ୍ୟ ମବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ମଧ୍ୟ ହୋଇଥିଲା। ମା'ଙ୍କ ସହ ଶ୍ରଦ୍ଧାଳୁମାନେ ପଟୁଆରରେ ସାମିଲ ହୋଇଥିବା ବେଳେ ମହିଳା ଭକ୍ତମାନେ ଘଟ ମୁଣ୍ଡରେ ଧରି ସାମିଲ ହୋଇଥିଲେ। ସେପଟେ ଭକ୍ତଙ୍କ ପ୍ରବଳ ସମାଗମ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡାକଡି କରାଯାଇଥିଲା। ବ୍ରହ୍ମପୁରର ମା'ସାଆନ୍ତାଣୀ ବୁଢ଼ୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଉଦଯାପିତ ହୋଇଛି। ଦୀର୍ଘ ୨୬ ଦିନର ଯାତ୍ରା ପରେ ମଙ୍ଗଳବାର ଭୋରରୁ ମା'ଙ୍କ ଯାତ୍ରା ଶେଷ ହୋଇଛି। ସୋମବାର ରାତିରେ ମା'ବାପଘରୁ ତଥା ଅସ୍ଥାୟୀ ମଣ୍ଡପରୁ ମା' ଶାଶୁଘରକୁ ତଥା ମୁଖ୍ୟମନ୍ଦିରକୁ ଫେରିବା ବେଳେ ସହର ଲୋକାରଣ୍ୟ ହୋଇପଡିଥିଲା ବ୍ରହ୍ମପୁର। ରାଜ୍ୟ ତଥା ରାଜ୍ୟ ବାହାରୁ ଭକ୍ତଙ୍କ ସମାଗମ ହୋଇଥିଲା ରେଶମ ନଗରୀରେ। ସେପଟେ ଶାଶୁଘର ପକ୍ଷରୁ ସେବକମାନେ ବିଭିନ୍ନ ସାମଗ୍ରୀ ନେଇ ପହଞ୍ଚିଥିଲେ ଦେଶୀବେହେରାଙ୍କ ଘରେ। ଆଉ ମା'ଙ୍କୁ ନିମନ୍ତ୍ରଣ କରି ପୁଣି ଶାଶୁଘରକୁ ଫେରିବା ନିମନ୍ତେ। ଅସ୍ଥାୟୀ ମନ୍ଦିରରେ ମା'ଙ୍କ ବିଧି ଅନୁଯାୟୀ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥାନ୍ତି ପୂଜକ। ମା' ଯେହେତୁ ବାପଘରକୁ ଆସିଥାନ୍ତି, ମା'ଙ୍କୁ ଦେଶୀବେହେରା • ପୃଷ୍ଠା ୭ ଦେଖନ୍ତୁ...


DADLS

## ପବିତ୍ର ଅକ୍ଷୟ ତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



କୃଷିଭିତ୍ତିକ ପର୍ବ ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀଙ୍କୁ, ବିଶେଷ କରି ଆମର ଚାଷୀ ଭାଇଭଉଣୀ ମାନଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ଚାଷୀ ଭାଇଙ୍କ ଅକ୍ଷି ମୁଠି ଅନୁକୂଳ ଶୁଭଙ୍କର ହେଉ । ଚଳିତ ବର୍ଷ ଚାଷୀ ଭାଇଭଉଣୀମାନଙ୍କ ପାଇଁ ସୁଖ ଓ ସମୃଦ୍ଧିର ବର୍ଷ ହେଉ, ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/13/0611/2526





ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ପବିତ୍ର ଅକ୍ଷୟ ତୃତୀୟା ଅବସରରେ





ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

DSPL-47

## ଖରିଫ୍ ୨୦୨୫-୨୬

# ସି ଏମ୍ କିଷାନ ସହାୟତା

## ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ ସହାୟତା ରାଶି ହସ୍ତାନ୍ତର

୫୦ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକ ପରିବାର ଉପକୃତ

୧୦୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆର୍ଥିକ ସହାୟତା ଡିବିଟି ମାଧ୍ୟମରେ ହସ୍ତାନ୍ତର



୩୦ ଏପ୍ରିଲ ୨୦୨୫ । ଶୈକ୍ଷିକ କୃଷି ଫାର୍ମ ଓୟୁଏଟି, ବରମୁଣ୍ଡା, ଭୁବନେଶ୍ୱର



କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

OIPR-01102/13/0022/2526

# ବଢ଼ିବ ଏଟିଏମ୍ ଫି ବୃଦ୍ଧି, ଗ୍ରାମୀଣ ବ୍ୟାଙ୍କ ଏକୀକରଣ



**ନୂଆଦିଲ୍ଲୀ,(ହି.ସ):** ୨୦୨୫ ମେ ୧ ରୁ ଦେଶବ୍ୟାପୀ ନାଗରିକଙ୍କୁ ପ୍ରଭାବିତ କରୁଥିବା କିଛି ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପରିବର୍ତ୍ତନ କାର୍ଯ୍ୟକାରୀ ହେବ। ସବୁଠାରୁ ଉଲ୍ଲେଖନୀୟ ପରିବର୍ତ୍ତନ ହେଉଛି ଏଟିଏମ ଲେଣଦେଣ ଶୁଳ୍କର ସଂଶୋଧିତ ଢାଞ୍ଚା, ଏହା ସହିତ ସରକାର ଗ୍ରାମୀଣ ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଦକ୍ଷ କରିବା ପାଇଁ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକୁ ଏକୀଭୂତ କରିବାରେ ଆଗେଇ ଚାଲିଛନ୍ତି। ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆ (ଆରବିଆଇ) ଏଟିଏମ ଇଣ୍ଟରଚେଞ୍ଜ ଫି'ରେ ବୃଦ୍ଧିକୁ ଅନୁମୋଦନ କରିବା ପରେ, ଯାହା ଅନ୍ୟ ବ୍ୟାଙ୍କର ସେବା ବ୍ୟବହାର ପାଇଁ ଏକ ବ୍ୟାଙ୍କ ଅନ୍ୟକୁ ପ୍ରଦାନ କରେ, ଗ୍ରାହକମାନଙ୍କୁ ଏଟିଏମରୁ ନଗଦ ଉଠାଣ ସମୟରେ ଅଳ୍ପ ଅଧିକ ଖର୍ଚ୍ଚ କରିବାକୁ ପଡ଼ିବ। ଗ୍ରାହକମାନଙ୍କୁ ଏବେ ମାସିକ ମାଗଣା ସୀମା ଅତିକ୍ରମ କରିବା ପରେ ପ୍ରତି ଲେଣଦେଣ ପାଇଁ ୨୩ ଟଙ୍କା ଦେବାକୁ ପଡ଼ିବ। ଏହା ବର୍ତ୍ତମାନର ପ୍ରତି ଲେଣଦେଣ ୨୧ ଟଙ୍କାରୁ ବୃଦ୍ଧି ପାଇଛି। ଏକ ରାଜ୍ୟ-ଏକ ଆରଆରବି:ଏହା ପୂର୍ବରୁ ଏହି ମାସରେ, ଅର୍ଥ ମନ୍ତ୍ରଣାଳୟ ୧୧ଟି ରାଜ୍ୟରେ 'ଏକ ରାଜ୍ୟ-ଏକ ଆରଆରବି (ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ)' ଅଭିଯାନ ଆରମ୍ଭ କରିଥିଲା, ଯାହା ଅଧୀନରେ ୧୧ଟି ରାଜ୍ୟର ୧୫ଟି ଆରଆରବିକୁ ଏକୀଭୂତ କରି ଏକକ କରାଯିବ। ଏହି ଯୋଜନା ମେ ୧ ରୁ କାର୍ଯ୍ୟକାରୀ ହେବ ଏବଂ ଏହାର ଉଦ୍ଦେଶ୍ୟ ହେଉଛି ଉନ୍ନତ ପରିଚାଳନା ଦକ୍ଷତା ଏବଂ ଖର୍ଚ୍ଚ ଯୌକ୍ତିକୀକରଣ। କେନ୍ଦ୍ର ସରକାର ଏହି ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କଗୁଡ଼ିକୁ ଏକ ଏକକ ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କରେ ଏକୀଭୂତ କରିବା ପାଇଁ ବ୍ୟବସ୍ଥା କରିଛନ୍ତି, ଯାହା ୨୦୨୫ ମେ ୧ ତାରିଖରୁ କାର୍ଯ୍ୟକାରୀ ହେବ। ଏହା ନିର୍ଦ୍ଦିଷ୍ଟ ଗଠନ, ସମ୍ପତ୍ତି, କ୍ଷମତା, ଅଧିକାର, ସ୍ୱାର୍ଥ, କର୍ତ୍ତୃପକ୍ଷ ଏବଂ ସୁବିଧା ସହିତ; ଏବଂ ନିର୍ଦ୍ଦିଷ୍ଟ ଦାୟିତ୍ୱ, କର୍ତ୍ତବ୍ୟ ଏବଂ ବାଧ୍ୟବାଧକତା ସହିତ ହେବ, ଅର୍ଥ ମନ୍ତ୍ରଣାଳୟର ଏକ ବିଜ୍ଞପ୍ତିରେ କୁହାଯାଇଛି। ଆଞ୍ଚଳିକ ଗ୍ରାମୀଣ ବ୍ୟାଙ୍କ (ଆରଆରବି) ଏକୀକରଣର ଏହି ଚତୁର୍ଥ ପର୍ଯ୍ୟାୟ ସହିତ, ବର୍ତ୍ତମାନର ୪୩ଟିରୁ ସଂଖ୍ୟା ୨୮କୁ ହ୍ରାସ ପାଇବ। ସଞ୍ଚୟ ଖାତା ଏବଂ ଏଫଡି ସୁଧ ହାର:ମେ ୧ ରୁ ଆରବିଏଲ ବ୍ୟାଙ୍କର ସଞ୍ଚୟ ଖାତାଧାରୀମାନେ ତ୍ରୈମାସିକ ବଦଳରେ ମାସିକ ସୁଧ ପାଇବେ। ବ୍ୟାଙ୍କର ଏକ ଇମେଲ ଅନୁଯାୟୀ, ସଞ୍ଚୟ ଖାତାରେ ରଖାଯାଇଥିବା ବାଲାନ୍ସ ଉପରେ ନିର୍ଭର କରି ସର୍ବାଧିକ ସୁଧ ହାର ୭ ପ୍ରତିଶତ ରହିଛି। ସୁଧ ପ୍ରତିଦିନ ଗଣନା ଏବଂ ଅର୍ଜନ କରାଯିବ, ଯାହା ଆପଣଙ୍କ ଖାତାରେ ଦିନ ଶେଷରେ ଥିବା ବାଲାନ୍ସ ଉପରେ ଆଧାରିତ, ଏବଂ ଏହା ମାସିକ ଭିତ୍ତିରେ ଆପଣଙ୍କ ଖାତାରେ ଜମା/ପ୍ରଦାନ କରାଯିବ, ଇମେଲରେ କୁହାଯାଇଛି।

# ଅକ୍ଷୟ ତୃତୀୟାରେ ସୁନା ବିକ୍ରି, ଭାଙ୍ଗିପାରେ ୨୦୨୪ ରେକର୍ଡ



**ନୂଆଦିଲ୍ଲୀ,(ହି.ସ):** ବୁଧବାର ଅକ୍ଷୟ ତୃତୀୟା ପାଳନ ହେବାକୁ ଯାଉଛି। ଅକ୍ଷୟ ତୃତୀୟାକୁ ଅତ୍ୟନ୍ତ ଶୁଭ ବୋଲି ବିବେଚନା କରାଯାଏ। ବିଶ୍ୱାସ କରାଯାଏ ଯେ, ଅକ୍ଷୟ ତୃତୀୟା ସଫଳତା ଏବଂ ଭାଗ୍ୟ ଆଣିଥାଏ। ତେଣୁ ଧନ ଏବଂ ସମୃଦ୍ଧି ଲାଗି ଲୋକମାନେ ଏହି ଦିନ ସୁନା କିଣିବା ଶୁଭ ବୋଲି ବିବେଚନା କରନ୍ତି। ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ, ଅକ୍ଷୟ ତୃତୀୟା ଦିନ କିଣାଯାଇଥିବା ସୁନାର ମୂଲ୍ୟ କେବେ ହ୍ରାସ ହୁଏ ନାହିଁ ବରଂ ବୃଦ୍ଧି ପାଏ। ଚଳିତ ବର୍ଷ ଅକ୍ଷୟ ତୃତୀୟା ଅବସରରେ ସାରା ଦେଶରେ ଅଳଙ୍କାର ବଜାରରେ ଉତ୍ସାହ ଦେଖା ଦେଇଛି। ସୁନା ମୂଲ୍ୟ ଅହେତୁକ ବୃଦ୍ଧି ସତ୍ତ୍ୱେ ବଜାରରେ ଉତ୍ସାହ ଜାରି ରହିଛି। କନଫେଡେରେସନ୍ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ ପକ୍ଷରୁ କୁହାଯାଇଛି ଯେ, ଚଳିତ ବର୍ଷ ସୁନା ଓ ରୁପା ମୂଲ୍ୟରେ ବହୁ ବୃଦ୍ଧି ଘଟିଛି। ୧୦ ଗ୍ରାମ ସୁନା ମୂଲ୍ୟ ପାଖାପାଖି ୧ ଲକ୍ଷ ଟଙ୍କାରେ ପହଞ୍ଚିଛି। ଗତ ବର୍ଷ ଅକ୍ଷୟ ତୃତୀୟାରେ ସୁନା ମୂଲ୍ୟ ୭୩, ୫୦୦ ଟଙ୍କା ଥିଲା। ସେହିଭଳି ରୁପା ମୂଲ୍ୟ କିଲୋଗ୍ରାମ ପିଛା ପ୍ରାୟ ୧ ଲକ୍ଷ ଟଙ୍କା ଛୁଇଁଥିବା ବେଳେ ୨୦୨୪ରେ ଏହାର ମୂଲ୍ୟ ୮୬ ହଜାର ଟଙ୍କା ଥିଲା। ୨୦୨୩ରେ ଅକ୍ଷୟ ତୃତୀୟା ଦିନ ସାରା ଦେଶରେ ପ୍ରାୟ ୧୪.୫ ହଜାର କୋଟି ଟଙ୍କାର ଅଳଙ୍କାର ବିକ୍ରି ହୋଇଥିଲା। ୨୦୨୪ରେ ଲୋକସଭା ନିର୍ବାଚନ ହେତୁ ବାଣିଜ୍ୟରେ ଉଲ୍ଲେଖନୀୟ ହ୍ରାସ ଘଟିଥିଲା। ଅଲ ଇଣ୍ଡିଆ ଜୁଏଲର୍ସ ଏବଂ ଗୋଲ୍ଡସ୍ମିଥ ଫେଡେରେସନର ସଭାପତି ପଙ୍କଜ ଆରୋରା କହିଛନ୍ତି ଯେ, ଚଳିତ ବର୍ଷ ଅକ୍ଷୟ ତୃତୀୟା ଦିନ ପ୍ରାୟ ୧୨ ହଜାର କୋଟି ମୂଲ୍ୟର ୧୨ ଟନ୍ ସୁନା ଏବଂ ୪ ହଜାର କୋଟି ମୂଲ୍ୟର ୪୦୦ ଟନ୍ ରୁପା କାରବାର ହେବ ବୋଲି ଆଶା କରାଯାଉଛି। ସେ କହିଛନ୍ତି ଯେ, ଏଥର ସୁନା ଓ ରୁପା ମୂଲ୍ୟ ବୃଦ୍ଧି ହେତୁ ଗ୍ରାହକଙ୍କ କ୍ରୟ ଶକ୍ତିରେ କିଛି ମନ୍ଥରତା ଦେଖାଦେଇଛି। ସାଧାରଣତଃ ଅକ୍ଷୟ ତୃତୀୟାରେ ଭଲ ବିକ୍ରି ହୋଇଥାଏ। କିନ୍ତୁ ଏଥର ଅଧିକ ମୂଲ୍ୟ ଚାହିଦାକୁ ପ୍ରଭାବିତ କରିଛି। ଆର୍ଥିକ ଅନିଶ୍ଚିତତା, ଅଶୋଧିତ ତେଲ ମୂଲ୍ୟରେ ବୃଦ୍ଧି, ଡଲାର ତୁଳନାରେ ଟଙ୍କା ଦୁର୍ବଳ ଏବଂ ବୈଶ୍ୱିକ ନିବେଶକମାନେ ସୁନାକୁ ଏକ ସୁରକ୍ଷିତ ବିନିଯୋଗ ମାଧ୍ୟମ ଭାବରେ ଗ୍ରହଣ କରିଥିବାରୁ ଅନ୍ତର୍ଜାତୀୟ ବଜାରରେ ସୁନା ଓ ରୁପା ମୂଲ୍ୟରେ କ୍ରମାଗତ ବୃଦ୍ଧି ଘଟିଛି। କ୍ୟାଟ୍ର ରାଷ୍ଟ୍ରୀୟ ଅଧ୍ୟକ୍ଷ ବିସି ଭାରତୀ କହିଛନ୍ତି ଯେ, ଦେଶରେ ଚାଲିଥିବା ବିବାହ ଋତୁ ଯୋଗୁଁ ଅଳଙ୍କାରର ଚାହିଦା କମିନାହିଁ। ବିବାହ ସମୟରେ ସୁନା ଓ ରୁପା କିଣିବା ଏକ ପରମ୍ପରା ହୋଇଥିବାରୁ ମୂଲ୍ୟ ଅଧିକ ହୋଇଥିଲେ ମଧ ଗ୍ରାହକ ମାନେ ଅଳଙ୍କାର କ୍ରୟ କରୁଛନ୍ତି।

# ୟୁକୋ ବ୍ୟାଙ୍କର ଚତୁର୍ଥ ତ୍ରୈମାସରେ ୬୫୨ କୋଟି ଟଙ୍କାର ନେଟ୍ ଲାଭ

**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କର ଚତୁର୍ଥ ତ୍ରୈମାସିକ ଆର୍ଥିକ ଫଳାଫଳ ପ୍ରକାଶ ପାଇଛି। ବ୍ୟାଙ୍କ ମାର୍ଚ୍ଚ ମାସ ଶେଷ ସୁଦ୍ଧା, ଚତୁର୍ଥ ତ୍ରୈମାସରେ ଶତକଡା ୨୩.୯୮ ପ୍ରତିଶତ ଅଭିବୃଦ୍ଧି ହାର ହାସଲ କରି ୬୫୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହ କରିପାରିଛି ଯାହା ପୂର୍ବ ବର୍ଷ ଏହି ସମୟରେ ୫୨୬ କୋଟି ଟଙ୍କା ରହିଥିଲା। ବ୍ୟାଙ୍କର ସକଳ ଅଗ୍ରୀମରେ ଶତକଡା ୨୫.୭୪ ପ୍ରତିଶତ ବୃଦ୍ଧି ଘଟି ୧,୨୨, ୬୧୩ କୋଟିରେ ପହଞ୍ଚିଛି। ମାର୍ଚ୍ଚ ମାସ ଶେଷ ସୁଦ୍ଧା ବ୍ୟାଙ୍କର ସମୁଦାୟ ବ୍ୟବସାୟିକ ଅଭିବୃଦ୍ଧିରେ ଶତକଡା ୧୪.୧୨ ପ୍ରତିଶତ ବୃଦ୍ଧି ଘଟି ୫,୧୩,୫୨୭ କୋଟିରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ସୁଧ ଆୟରେ ଶତକଡା ୨୩.୩୫ ପ୍ରତିଶତ ବୃଦ୍ଧି ଘଟି ୨,୬୯୮ କୋଟିରେ ପହଞ୍ଚିଛି। ଚତୁର୍ଥ ତ୍ରୈମାସିକ ସୁଦ୍ଧା ବ୍ୟାଙ୍କର ନେଟ୍ ସୁଧ ମାର୍ଜିନ ଶତକଡା ୩.୦୮ ପ୍ରତିଶତ ବୃଦ୍ଧି ପାଇଥିବା ସହ ପୁଞ୍ଜି ସ୍ୱଚ୍ଛଳତା ହାର (ସିଆର୍‌ଏଆର୍) ଶତକଡା ୧୮.୪୯ ପ୍ରତିଶତ ବୃଦ୍ଧି ପାଇଛି। ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ (ପିସିଆର୍) ଶତକଡା ୯୬.୬୯ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ପରିଚାଳନାଗତ ଲାଭ ଶତକଡା ୩୩.୪୮ ପ୍ରତିଶତ ଅଭିବୃଦ୍ଧି ହାରରେ ୧,୬୯୯ କୋଟିରେ ପହଞ୍ଚିଛି। ବ୍ୟାଙ୍କର ମୋଟ୍ ଏନ୍‌ପିଏ ୭୭ ବିପିଏସ୍ ହ୍ରାସ ପାଇ ଶତକଡା ୨.୬୯ ପ୍ରତିଶତରେ ପହଞ୍ଚିଛି। ବ୍ୟାଙ୍କର ନେଟ୍ ଏନ୍‌ପିଏ ୩୯ ବିପିଏସ୍ ହ୍ରାସ ପାଇ ଶତକଡା ୦.୫୦ ପ୍ରତିଶତରେ ପହଞ୍ଚିଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଚଳିତ ବର୍ଷ ମାର୍ଚ୍ଚ ମାସ ଶେଷ ସୁଦ୍ଧା ୟୁକୋ ବ୍ୟାଙ୍କର ୩,୩୦୨ଟି ଘରୋଇ ଶାଖା ରହିଥିବା ବେଳେ ହଂକଂକଙ୍ଗ୍ ଓ ସିଙ୍ଗାପୁରରେ ୨ଟି ଶାଖା ରହିଛି ଏବଂ ଇରାନ୍‌ରେ ଗୋଟିଏ ପ୍ରତିନିଧି କାର୍ଯ୍ୟାଳୟ ରହିଛି। ବ୍ୟାଙ୍କର ୨,୫୨୨ ଟି ଏଟିଏମ୍ ଓ ୧୦୬୫୩ ଟି ବିସି ପଏଣ୍ଟ ରହିଛି।

# ଭାରତୀୟ ପ୍ରତିରକ୍ଷା କମ୍ପାନୀ ସେୟାର ମୂଲ୍ୟରେ ବମ୍ପର ବୃଦ୍ଧି

**ନୂଆଦିଲ୍ଲୀ, (ହି.ସ):** ଭାରତ-ପାକିସ୍ତାନ ଉତ୍ତେଜନା ଭିତରେ ସେୟାର ବଜାରରେ ଆଜି ଭାରତୀୟ ଡିଫେନ୍ସ କମ୍ପାନୀର ସେୟାରରେ ବମ୍ପର ବୃଦ୍ଧି ଦେଖିବାକୁ ମିଳିଛି। ଡିଫେନ୍ସ କମ୍ପାନୀର ସେୟାର କାରବାର ବେଳେ ୧୫ ପ୍ରତିଶତ ବଢି ଯାଇଛିୟ ହିନ୍ଦୁସ୍ତାନ ଏୟରୋନଟିକ୍ସ (ଏଚଏଏଲ), ମଝଗାଁ ଡାକ୍, ଗାର୍ଡନ ରିଚ୍ ଶିପବିଲ୍ଡର୍ସ (ଡିଆରଏସଇ) ଓ ଅନ୍ୟ ଯେମିତି ଡିଫେନ୍ସ ସେୟାର ୪-୧୫ ପ୍ରତିଶତ ବଢି ଯାଇଛି। ଏହା ପୂର୍ବରୁ ଗତ ସୋମବାର ମଧ ଏହି କମ୍ପାନୀଗୁଡିକର ସେୟାରେ ଖୁବ୍ ବୃଦ୍ଧି ଦେଖାଯାଇ ଥିଲା। ଶେୟାର ଗୁଡ଼ିକରେ ମଧ ବୃଦ୍ଧି ମଧରେ ଏକ କାରଣ ଅଛି। ବାସ୍ତବିକତା ଏୟା ଯେ, ମାର୍କେଟ୍ ଆନାଲିଷ୍ଟଙ୍କ ଅନୁସାରେ, ସୈନ୍ୟ ଉପକରଣର ଚାହିଦା ବୃଦ୍ଧି ଓ ବିଶ୍ୱସ୍ତରରେ ବଢୁଥିବା ପ୍ରତିରକ୍ଷା ଖର୍ଚ୍ଚର ସମ୍ଭାବନାର ଆଶା ମଧରେ ସେୟାରର କ୍ରୟ ବଢି ଯାଇଛି। ଏହା ବ୍ୟତୀତ, ପହଲଗାମ ଆତଙ୍କୀ ହମଲା ପରେ ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ମହମ୍ମଦ ଆସିଫଙ୍କ ଦ୍ୱାରା ଭାରତୀୟ ସେନା ଅନୁପ୍ରବେଶର ଚେତାବନୀ ଦିଆଯିବା ପରେ ଭାରତୀୟ ପ୍ରତିରକ୍ଷା କମ୍ପାନୀ ଗୁଡ଼ିକର ସେୟାରରେ ବୃଦ୍ଧି ଘଟିଛି। ରୟଟର୍ସର ଏକ ରିପୋର୍ଟ ମୁତାବିକ, ଖ୍ୱାଜା ଆସିଫ୍ କହିଛନ୍ତି କି, ପାକ୍ ସେନା ସରକାରକୁ ଭାରତୀୟ ହମଲାର ସମ୍ଭାବନା ବିଷୟରେ ସୂଚନା ଦେଇଛି। ଖ୍ୱାଜା ଆସିଫ୍ କହିଛନ୍ତି ପାକିସ୍ତାନ ସଂପୂର୍ଣ୍ଣ ରୂପେ ଆଲର୍ଟରେ ଏବଂ ଆମେ ନିଜର ପରମାଣୁ ଅସ୍ତ୍ରର ବ୍ୟବହାର ସେତେବେଳେ କରିବୁ , ଯେବେ ଆମର ଅସ୍ତିତ୍ୱ ପ୍ରତି ସିଧା ବିପଦ ଘନେଇବ। ଗାର୍ଡନ ରିଚ୍ ଶିପବିଲ୍ଡର୍ସ ସେୟାରର ଦାମ୍ ୧୫ ପ୍ରତିଶତ ବଢ଼ିଛି। ଗାର୍ଡନ ରିଚ୍ ଶିପବିଲ୍ଡର୍ସ ବା ଜିଆରଏସଇ ପ୍ରତିରକ୍ଷା ସେୟାରରେ ସବୁଠୁ ଅଧିକ ଲାଭରେ ଅଛି। ଗାର୍ଡନ ରିଚ୍ ଶିପବିଲ୍ଡର୍ସ ସେୟାରର ଦାମ୍ ୨,୦୨୦ ଟଙ୍କାର ଇନଟ୍ରାଡେ ହାଇରେ ପହଞ୍ଚି ଯାଇଥିଲା, ଯାହା ଗତର କ୍ଲୋଜିଂ ଲେବଲରେ ୧୫ ପ୍ରତିଶତରୁ ଅଧିକ ଅଛି। ମଝଗାଓଁ ଡକ୍ ଶିପବିଲ୍ଡର୍ସର ସେୟାରରେ ମଧ ଭଲ ବୃଦ୍ଧି ଦେଖିବାକୁ ମିଳିଛି। ମଝଗାଓଁ ଡକ୍ ଶିପବିଲ୍ଡର୍ସର ସେୟାରର ଦାମ୍ ପାଖାପାଖି ୯ପ୍ରତିଶତ ବଢ଼ି ୫୨ ସପ୍ତାହ ବା ବର୍ଷକରେ ହାଇ ୩,୦୩୫ ଟଙ୍କାରେ ପହଞ୍ଚି ଯାଇଛି। ମଝଗାଓଁ ଡକ୍ ଶିପବିଲ୍ଡର୍ସ ସେୟାରର ଦାମ୍, (ଯାହା ଗତ ବର୍ଷ ମଇରେ ୧,୦୩୫ ଟଙ୍କାର ୫୨-ସପ୍ତାହ କମ୍ କରିଥିଲା) ନିଜର ନିବେଶକଙ୍କୁ ମଲ୍ଟିବ୍ୟାଗର ରିଟର୍ଣ୍ଣ ଦେଇଛି। ହିନ୍ଦୁସ୍ତାନ ଏୟରୋନଟିକ୍ସ ବା ଐଇଖ ସେୟାରର ଦାମରେ ୫ ପ୍ରତିଶତରୁ ଅଧିକ ବଢ଼ିଛି। ଭାରତ ଦ୍ୱାରା ଆଉ ୨୬ ରାଫେଲ୍ ଜେଟ୍ କ୍ରୟରେ ଗୋଟିଏ ଚୁକ୍ତି ସ୍ୱାକ୍ଷର କରିବାର ଖବର ମଧରେ ହିନ୍ଦୁସ୍ତାନ ଏୟରୋନେଟିକ୍ସ ସେୟାରର ଦାମ୍ ବଢୁଛି। ଭାରତ ଡାୟନେମିକ୍ସ, ଭାରତ ଇଲେକ୍ଟ୍ରିନିକ୍ସର ସେୟାରର ଦାମରେ୪ ପ୍ରତିଶତର ବୃଦ୍ଧି ହୋଇଛି। ଏହା ବ୍ୟତୀତ ଭାରତ ଇଲେକ୍ଟ୍ରନିକ୍ସ (ବିଇଏଲ) ସେୟାରର ଦାମରେ ମଧ ବୃଦ୍ଧି ଦେଖିବାକୁ ମିଳୁଛି। ଓମନିସାଇନ୍ସ କ୍ୟାପିଟାଲର ସିଇଓ ଓ ମୁଖ୍ୟ ନିବେଶ ରଣନୀତିକାର ଡା.ବିକାଶ ଗୁପ୍ତା କହିଛନ୍ତି। ସମ୍ଭାବିତ ଭାରତ-ପାକ୍ ଯୁଦ୍ଧର ପୃଷ୍ଠଭୂମିରେ, ଏହା ଆଶ୍ଚର୍ଯ୍ୟର କଥା ନୁହେଁ ଯେ ପ୍ରତିରକ୍ଷା ସେୟାରରେ ବୃଦ୍ଧି ଘଟୁଛି। ଯୁଦ୍ଧ ସ୍ଥିତିରେ ଯଦିଓ ଏହା ୨-୪ ସପ୍ତାହ ଯାଏ ସୀମିତ, ଅସ୍ତ୍ରଶସ୍ତ୍ର, ଗୋଳା ବାରୁଦ ଓ ଅସ୍ତ୍ରଶସ୍ତ୍ର ସହ ପ୍ରତିରକ୍ଷା ଉପକରଣର ଦାବି ପର୍ଯ୍ୟାପ୍ତ ହୋଇ ପାରେ ଏବଂ ଏହାର ପରିଣାମ ସ୍ୱରୂପ ପ୍ରତିରକ୍ଷା କମ୍ପାନୀ ଗୁଡ଼ିକୁ ମହ□ପୂର୍ଣ୍ଣ ଅର୍ଡର ମିଳିପାରେ।

# ସୋଲାର୍ ସେଲ୍ କାରଖାନା ବସାଇବ: ଗୋପାଳପୁର ଆସିବ 'ଆଇକନ୍ ସୋଲାର୍'

**ଭୁବନେଶ୍ୱର, (ଡିକେ ନ୍ୟୁଜ୍):** ଦେଶର ଅଗ୍ରଣୀ ସୋଲାର ମଡ୍ୟୁଲ୍ ନିର୍ମାତା ଆଇକନ୍ ସୋଲାର ନୂଆ ନିବେଶ ପାଇଁ ଓଡ଼ିଶାର ଗୋପାଳପୁରକୁ ଚୟନ କରିଛି। କମ୍ପାନି ସେଠାରେ ଏକ ୨ ଗିଗାୱାଟ୍ର ସୋଲାର୍ ସେଲ୍ ପ୍ଲାଣ୍ଟ ସ୍ଥାପନ କରିବାକୁ ଯୋଜନା ରଖିଛି। ଆସନ୍ତା ୧୪ ମାସ ଭିତରେ ତାହା କାର୍ଯ୍ୟକ୍ଷମ ହେବ ବୋଲି ମଧ କମ୍ପାନି ଆଶାବାଦୀ ରହିଛି। 'ସେର ଏନର୍ଜି' ସହ କଥାବାର୍ତ୍ତା ବେଳେ କମ୍ପାନିର ନିର୍ଦ୍ଦେଶକ ଶକ୍ତି ଦୁବେ ଦେଇଥିବା ସୂଚନା ଅନୁସାରେ ଗୋପାଳପୁରର ପ୍ରସ୍ତାବିତ ସ୍ଥାନରେ କାରଖାନା କାମ ଆରମ୍ଭ କରିବା କାର୍ଯ୍ୟ ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି। ଏନେଇ କମ୍ପାନି ରାଜ୍ୟ ସରକାରଙ୍କ ସହ ଯୋଗାଯୋଗରେ ରହିଛି। ଗୋପାଳପୁର କାରଖାନାରେ ଏହା ସୋଲାର୍ ସେଲ୍ ଉତ୍ପାଦନ କରିବ। କମ୍ପାନି ଟପ୍କନ୍ ପ୍ରଯୁକ୍ତିକୁ ବ୍ୟବହାର କରିବାକୁ ଯୋଜନା ରଖିଛି। ଗୋପାଳପୁରରେ ସବୁ ପ୍ରକାର ମଞ୍ଜୁରି ଓ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ସୁଯୋଗର ବ୍ୟବସ୍ଥା କରାଯାଇଛି। ଏହା ନିବେଶକମାନଙ୍କୁ ପ୍ଲଗ୍ ଆଣ୍ଡ୍ ପ୍ଲେ ସୁବିଧା ପ୍ରଦାନ କରୁଥିବାରୁ କମ୍ପାନି ଏହି ଅଞ୍ଚଳକୁ ନିଜର ନୂଆ କାରଖାନା ପାଇଁ ଚୟନ କରିଛି। ସବ୍ସିଡି, ସହଜ ବ୍ୟବସାୟ ବାତାବରଣ, ସିଙ୍ଗଲ ୱିଣ୍ଡୋ ମଞ୍ଜୁରି ଓ ଜମି ଉପଲବ୍ଧତା ଓଡ଼ିଶାକୁ ସୋଲାର ସେଲ୍ ନିର୍ମାତାଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନରେ ପରଣତ କରିଥିବା ଶ୍ରୀ ଦୁବେ କହିଛନ୍ତି। ଓଡ଼ିଶାରେ ବିଦ୍ୟୁତ୍ ଟାରିଫ୍ କମ୍ ନଥିବା ବିଷୟକୁ ସେ ସ୍ୱୀକାର କରିଥିଲେ ମଧ ଦକ୍ଷ ମାନବ ସମ୍ବଳର ଉପଲବ୍ଧତା, କମ୍ ପରିଚାଳନା ଆହ୍ୱାନ ଏବଂ ୩୦ କିଲୋମିଟର ଭିତରେ ବନ୍ଦର ଭଳି ସୁବିଧା ରହିଥିବା ଦୁବେ କହିଛନ୍ତି। ନିକଟବର୍ତ୍ତୀ ବନ୍ଦର ଉଭୟ ଆମଦାନି ଓ ରପ୍ତାନି ପାଇଁ ସହାୟକ ହେବ ବୋଲି ସେ କହିଛନ୍ତି।

# ୧୫ଟି ଦେଶର ଅର୍ଥନୀତି ଭାରତଠାରୁ ତୀବ୍ର ଗତିରେ ବୃଦ୍ଧି ପାଉଛି




**ନୂଆଦିଲ୍ଲୀ, (ହି.ସ):** ଭାରତ ହେଉଛି ବିଶ୍ୱର ବୃହତ ଦେଶଗୁଡ଼ିକ ମଧ୍ୟରେ ସବୁଠାରୁ ଦ୍ରୁତ ବୃଦ୍ଧି ପାଉଥିବା ଅର୍ଥନୀତି। କିନ୍ତୁ ଯଦି ଆମେ ଛୋଟ ଦେଶଗୁଡ଼ିକୁ ମଧ ଅନ୍ତର୍ଭୁକ୍ତ କରୁ, ତେବେ ଚଳିତ ବର୍ଷ ୧୫ଟି ଦେଶର ଅର୍ଥନୀତି ଭାରତଠାରୁ ତୀବ୍ରତର ଗତିରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହି ଦେଶଗୁଡ଼ିକ ମଧ୍ୟରେ ଅନେକ ଏପରି ଅଛନ୍ତି ଯାହାଙ୍କ ନାମ ମାନଚିତ୍ରରେ ଖୋଜିବା ସହଜ ନୁହେଁ। ଆଇଏମଏଫ ଅନୁସାରେ, ଭାରତର ଅର୍ଥନୀତି ଚଳିତ ବର୍ଷ ୬.୨ ପ୍ରତିଶତ ହାରରେ ବୃଦ୍ଧି ପାଇବ। ଭାରତ ହେଉଛି ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି, ଯାହା ଆମେରିକା, ଚୀନ, ଜର୍ମାନୀ ଏବଂ ଜାପାନ ଠାରୁ ପଛରେ ରହିଛି। ଆଇଏମଏଫ ଅନୁସାରେ, ଚଳିତ ବର୍ଷ ସାଉଥ ସୁଦାନର ଅର୍ଥନୀତି ସବୁଠାରୁ ଦ୍ରୁତ ଗତିରେ ବୃଦ୍ଧି ପାଇବ। କିଛି ବର୍ଷ ପୂର୍ବେ ସୁଦାନ ଠାରୁ ଅଲଗା ହୋଇଥିବା ସାଉଥ ସୁଦାନର ଅର୍ଥନୀତି ଏହି ବର୍ଷ ୨୭.୨ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଦ୍ୱିତୀୟ ସ୍ଥାନରେ ରହିଛି ଗୁୟାନା। ଏହି କାରିବିୟାନ ଦେଶର ଜିଡିପି ୧୪.୪ ପ୍ରତିଶତ ହାରରେ ବୃଦ୍ଧି ପାଇପାରେ। କିଛି ବର୍ଷ ପୂର୍ବେ ଗୁୟାନାରେ ଏକ ବୃହତ ତୈଳ ଭଣ୍ଡାର ଆବିଷ୍କୃତ ହୋଇଥିଲା, ଯାହା ପରେ ଏହି ଦେଶର ଅର୍ଥନୀତି ଦ୍ରୁତ ଗତିରେ ବୃଦ୍ଧି ପାଇଛି। ତୃତୀୟ ସ୍ଥାନରେ ରହିଛି ଆଫ୍ରିକୀୟ ଦେଶ ଲିବିୟା (୧୩.୭ ପ୍ରତିଶତ)। ସେନେଗାଲର ଅର୍ଥନୀତି ଚଳିତ ବର୍ଷ ୯.୩ ପ୍ରତିଶତ ହାରରେ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଏହା ପରେ ରହିଛନ୍ତି ପାଲାଉ (୮.୫%), ସୁଦାନ (୮.୩%), ଉଗାଣ୍ଡା (୭.୫%), ନାଇଜର (୭.୩%), ମାକାଉ (୭.୩%), ଭୁଟାନ (୭.୨%), ମଙ୍ଗୋଲିଆ (୭%), ଜାମ୍ବିଆ (୬.୬%), ବେନିନ (୬.୫%), ଇଥିଓପିଆ (୬.୫%) ଏବଂ ରୁୱାଣ୍ଡା (୬.୫%)। ଭାରତଠାରୁ ତୀବ୍ରତର ଗତିରେ ବୃଦ୍ଧି ପାଉଥିବା ୧୫ଟି ଦେଶ ମଧ୍ୟରେ ୧୦ଟି ହେଉଛି ଆଫ୍ରିକୀୟ ଦେଶ।



# ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛୁ: ପ୍ରଧାନମନ୍ତ୍ରୀ




**ନୂଆଦିଲ୍ଲୀ/ଭୁବନେଶ୍ୱର, (ପିଆଇବି):** ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଆଧୁନିକୀକରଣ କରୁଛୁ ବୋଲି ମଙ୍ଗଳବାର ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଯୁଗମ ଇନୋଭେସନ କନକ୍ଲେଭ - ୨୦୨୫ରେ ଯୋଗଦେବା ଅବସରରେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଶିକ୍ଷା ମନ୍ତ୍ରଣାଳୟ ଏବଂ ୱାଧୱାନୀ ଫାଉଣ୍ଡେସନ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଜାତୀୟ ଶିକ୍ଷା ନୀତି ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଦେଶର ଭବିଷ୍ୟତ ଦେଶର ଯୁବପିଢିଙ୍କ ଉପରେ ନିର୍ଭରଶୀଳ। ଏଥିପାଇଁ ଆମେ ଦେଶର ଶିକ୍ଷା ବ୍ୟବସ୍ଥାକୁ ଏକବିଂଶ ଶତାବ୍ଦୀର ଆବଶ୍ୟକତା ଅନୁସାରେ ଆଧୁନିକୀକରଣ କରୁଛୁ। ଦେଶରେ ନୂଆ ଶିକ୍ଷା ନୀତି ମଧ ପ୍ରଣୟନ କରାଯାଇଛି, ଯେଉଁ ନୀତିରେ ଶିକ୍ଷାକୁ ବିଶ୍ୱମାନର ମାପଦଣ୍ଡକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି। ଏହା ଦେଶର ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବ। ନ୍ୟାସନାଲ କରିକୁଲମ ଫ୍ରେମୱାର୍କ, ଲର୍ଣ୍ଣିଂ ଟିଚିଂ ମ୍ୟାଟେରିଆଲ ଏବଂ ପ୍ରଥମ ଶ୍ରେଣୀରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ନୂଆ ପାଠ୍ୟପୁସ୍ତକର ବିକାଶ ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି କନକ୍ଲେଭରେ ଉପସ୍ଥିତ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ଯୁଗମ କନକ୍ଲେଭ ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ପାଇଁ ଶିକ୍ଷାନୁଷ୍ଠାନ, ଶିଳ୍ପ ଏବଂ ନବପ୍ରବର୍ତ୍ତକଙ୍କୁ ଗୋଟିଏ ମଞ୍ଚରେ ଆଣିବାର ପ୍ରୟାସ। ଆଜିର ଏହି ଆୟୋଜନ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ଭାରତର ଇନୋଭେସନ କାପାସିଟି ଏବଂ ଡିପଟେକରେ ଭାରତର ଭୂମିକାକୁ ବଢାଇବା ପ୍ରୟାସକୁ ଅଧିକ ଗତି ପ୍ରଦାନ କରିବ। ଯୁଗମ କନକ୍ଲେଭ ଦେଶର ଯୁବବର୍ଗଙ୍କ ମଧ୍ୟରେ ଇନୋଭେସନ ପରମ୍ପରାକୁ ବଢାଇବା ଦିଗରେ ବଡ ଭୂମିକା ନିର୍ବାହ କରିବ। ଶ୍ରୀ ପ୍ରଧାନ କହିଛନ୍ତି, ଏକାଡେମିଆ, ଇଣ୍ଡଷ୍ଟ୍ରି ଏବଂ ଇନୋଭେଟର୍ସ ମଧ୍ୟରେ ସମନ୍ୱୟ, ସହଯୋଗ ଏବଂ ସମାନତା ବଢାଇବା ପାଇଁ ୧୪୦୦ କୋଟି ଟଙ୍କାର ଯେଉଁ ନୂଆ ପ୍ରକଳ୍ପର ମୂଳଦୁଆ ପଡିଛି, ତାହାର ସବୁଠୁ ଅଧିକ ଲାଭ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ (ଏଏନଆରଏଫ୍), ଆମର ଆଇଇଟି, ଆଇଆଇଏସସି ଏବଂ ଆମର ଯୁବା ଇନୋଭେଟରଙ୍କୁ ମିଳିବ। ପ୍ରଧାନମନ୍ତ୍ରୀ ମୋଦିଙ୍କ କଳ୍ପନାକୁ ଆଗକୁ ବଢାଇବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ। ଆଜି ଦେଶରେ ଗବେଷଣା ଏବଂ ନବସୃଜନର ଯେଉଁ ପ୍ରେରଣାଦାୟୀ ବାତାବରଣ ତିଆରି ହୋଇଛି, ତାହା ପ୍ରଧାନମନ୍ତ୍ରୀ ମୋଦିଙ୍କ ହିମାଳୟ ସଦୃଶ ପ୍ରତିବଦ୍ଧତା ଏବଂ ଦୂରଦର୍ଶୀ ନେତୃତ୍ୱ କାରଣରୁ ସମ୍ଭବ ହୋଇଛି, ଯାହା ଦେଶର ଯୁବବର୍ଗଙ୍କ ମଧ୍ୟରେ ନୂଆ ଉତ୍ସାହ ଭରିଛି। ୨୦୧୪ରେ ପ୍ରଥମେ ଦେଶର ଉଚ୍ଚଶିକ୍ଷାନୁଷ୍ଠାନ ଗୁଡ଼ିକରେ କେବଳ ୩ଟି ରିସର୍ଚ୍ଚ ପାର୍କ୍ ଥିଲା, ଯାହା ଏବେ ୬କୁ ବୃଦ୍ଧି ହୋଇଛି। ଭାରତ ସରକାରଙ୍କ ସାମୂହିକ ପ୍ରୟାସରେ ୧୩ ନୂଆ ରିସର୍ଚ୍ଚ ପାର୍କର ମଧ କଳ୍ପନା କରାଯାଇଛି। ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ଅନୁସନ୍ଧାନ ନ୍ୟାସନାଲ ରିସର୍ଚ୍ଚ ଫାଉଣ୍ଡେସନ ଏକ ସହଯୋଗୀ ସ୍ତମ୍ଭ ରୂପରେ କାର୍ଯ୍ୟ କରୁଛି। ଅଟଳ ଇନୋଭେସନ ମିଶନ ଅନ୍ତର୍ଗତ ୧୦, ୦୦୦ ସ୍କୁଲରେ ଅଟଳ ଟିଙ୍କରିଂ ଲ୍ୟାବ୍ କାର୍ଯ୍ୟକ୍ଷମ ଅଛି। ଏହାର ସଫଳତାକୁ ଦେଖି ୨୦୨୫-୨୬ରେ ଆର୍ଥିକ ବର୍ଷ କେନ୍ଦ୍ର ବଜେଟରେ ଅଧିକ ୫୦,୦୦୦ ଅଟଳ ଟିଙ୍କରିଂ ଲ୍ୟାବ୍ ପ୍ରତିଷ୍ଠା କରିବା ପାଇଁ ମଞ୍ଜୁର ପ୍ରଦାନ କରାଯାଇଛି। ଆମର ଲକ୍ଷ୍ୟ ହେଉଛି, ଆମର ଯୁବଶକ୍ତି ଦେଶର ଆବଶ୍ୟକତା ଏବଂ ପ୍ରାଥମିକତା ଗୁଡ଼ିକୁ କେନ୍ଦ୍ରରେ ରଖି ନବସୃଜନ କ୍ଷେତ୍ରରେ ଅଧିକ ଯୋଗଦାନ ଦିଅନ୍ତୁ। ଭାରତରେ ହିଁ ଆଇଡ଼ିଆରୁ ଉତ୍ପାଦର ସମ୍ପୂର୍ଣ୍ଣ ଶୃଙ୍ଖଳା ବିକଶିତ ହେଉ, ଏହା ଆମର ସଂକଳ୍ପ ଶ୍ରୀ ପ୍ରଧାନ ମତ ପ୍ରକାଶ କରିଥିଲେ।

# ଚଳିତ ବର୍ଷ ଜୁନ୍ ୫ ସୁଦ୍ଧା ଶେଷ ହେବ ରାମ ମନ୍ଦିରର ନିର୍ମାଣ କାର୍ଯ୍ୟ: ସମିତି ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର



ନୂଆଦିଲ୍ଲୀ,(ହି.ସ): ଅଯୋଧ୍ୟାରେ ନିର୍ମିତ ହୋଇଥିବା ରାମ ମନ୍ଦିରର ନିର୍ମାଣ କାର୍ଯ୍ୟ ଚଳିତ ବର୍ଷ ଜୁନ୍ ୫ ସୁଦ୍ଧା ସମ୍ପୂର୍ଣ୍ଣ ଭାବରେ ସମାପ୍ତ ହେବ। ରାମ ମନ୍ଦିର ନିର୍ମାଣ କାର୍ଯ୍ୟ ବିଷୟରେ ସୂଚନା ଦେଇଛନ୍ତି ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ନିର୍ମାଣ ସମିତିର ଅଧ୍ୟକ୍ଷ ନୃପେନ୍ଦ୍ର ମିଶ୍ର। କହିଛନ୍ତି ଯେ, ଚଳିତ ବର୍ଷ ଜୁନ୍ ୫ ସୁଦ୍ଧା ରାମ ମନ୍ଦିର ନିର୍ମାଣ ଶେଷ ହେବ। ମଙ୍ଗଳବାର ସକାଳେ, ଅଯୋଧ୍ୟାର ରାମ ଜନ୍ମଭୂମି ମନ୍ଦିରରେ ଏକ ଐତିହାସିକ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। ମଙ୍ଗଳବାର ସକାଳେ, ବୈଶାଖ ଶୁକ୍ଳ ଦ୍ୱିତୀୟା, ସକାଳ ୮ ଟାରେ, ମନ୍ଦିରର ମୁଖ୍ୟ ଶିଖରରେ ୪୨ ଫୁଟ ଉଚ୍ଚ ପତାକା ସ୍ତମ୍ଭ ସ୍ଥାପନ କରାଯାଇଥିଲା। ରାମ ଜନ୍ମଭୂମି ତିର୍ଥ କ୍ଷେତର ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ଏହି ସୂଚନା ଦେଇଛନ୍ତି। ପତାକା ଖୁଣ୍ଟ ସ୍ଥାପନ ପ୍ରକ୍ରିୟା ସକାଳ ସାଢେ ୬ରେ ଆରମ୍ଭ ହୋଇଥିଲା ଏବଂ ଦେଢ଼ ଘଣ୍ଟା ମଧ୍ୟରେ ସମାପ୍ତ ହୋଇଥିଲା। ରାମ ମନ୍ଦିର ନିର୍ମାଣ ଦ୍ରୁତ ଗତିରେ ଶେଷ ହେଉଛି ଏବଂ ପତାକା ସ୍ତମ୍ଭ ସ୍ଥାପନ ମନ୍ଦିରର ଭବ୍ୟ ଦୃଶ୍ୟକୁ ଆହୁରି ବୃଦ୍ଧି କରୁଛି। ମନ୍ଦିରର ମୁଖ୍ୟ ଶିଖରରୁ ଦୂରରୁ ଏହି ୪୨ ଫୁଟ ଉଚ୍ଚ ପତାକା ସ୍ତମ୍ଭ ଦୃଶ୍ୟମାନ ହେଉଛି। ଏହି ପତାକା ସ୍ତମ୍ଭକୁ ସ୍ୱତନ୍ତ୍ର ଭାବରେ ଡିଜାଇନ୍ କରାଯାଇଛି ଯାହା ମନ୍ଦିରର ମହିମା ଏବଂ ପବିତ୍ରତା ସହିତ ମେଳ ଖାଉଛି। ଏହାକୁ ସ୍ଥାପନ କରିବା ପାଇଁ ଏକ ଦକ୍ଷ ଇଞ୍ଜିନିୟର ଏବଂ କାରିଗର ଦଳ ଦିନରାତି ପରିଶ୍ରମ କରିଥିଲେ। ଚମ୍ପତ ରାୟ କହିଛନ୍ତି ଯେ ପତାକା ସ୍ତମ୍ଭ ସ୍ଥାପନ କାର୍ଯ୍ୟ ଅତ୍ୟନ୍ତ ସତର୍କତା ଏବଂ ଧାର୍ମିକ ରୀତିନୀତି ସହିତ କରାଯାଇଥିଲା। ଏବେ ଏହା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗର୍ଭଗୃହ ଏବଂ ମୁଖ୍ୟ ଗଠନ ପୂର୍ବରୁ ସମାପ୍ତ ହୋଇସାରିଛି।

## ସଂପାଦକୀୟ

# ଭାରତ ପାଇଁ ଶୁଭ ସଂକେତ

**ସୌଭାଗ୍ୟ ରଂଜନ ମହାନ୍ତି**

ବିଶ୍ୱର ସାଂପ୍ରତିକ ଘଡିସନ୍ଧି ସମୟ ତଥା ରୁଷ ୟୁକ୍ରେନ ଯୁଦ୍ଧ, ଇସ୍ରାଏଲ-ହମାସ ଲଢେଇ ଏବଂ ଆମେରିକାର ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ବାଣିଜ୍ୟଯୁଦ୍ଧ ପରିପ୍ରେକ୍ଷୀରେ ବିଶ୍ୱ ଅର୍ଥନୀତି ଅସ୍ଥିରତା ମୁହାଁ ହୋଇଥିବାବେଳେ ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (ଆଇଏମଏଫ) ଏବଂ ବିଶ୍ୱବ୍ୟାଙ୍କ ଯେଉଁ ରିପୋର୍ଟ ଦେଇଛନ୍ତି, ଭାରତ ପାଇଁ ତାହା ନିଶ୍ଚିତ ଭାବେ ଅତ୍ୟନ୍ତ ସୁଖଦ। ଆଇଏମଏ- ୨୦୨୬ ବର୍ଷ ପାଇଁ ଆର୍ଥୀକ ଅଭିବୃଦ୍ଧି ୬.୫ ପ୍ରତିଶତରୁ ୬.୨ ପ୍ରତିଶତକୁ ହ୍ରାସ କରିଥିବା ସତ୍ତ୍ୱେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଏହାର ମାନ୍ୟତାକୁ ଅସ୍ୱୀକାର କରିନାହିଁ। ଦ୍ୱିତୀୟ ପ୍ରସଙ୍ଗଟି ହେଉଛି ବିଶ୍ୱବ୍ୟାଙ୍କର ରିପୋର୍ଟ। ବିଶ୍ୱବ୍ୟାଙ୍କ ତାର ଦାରିଦ୍ର୍ୟ ଦୂରିକରଣ ରିପୋର୍ଟରେ ଦର୍ଶାଇଛି ଯେ ଭାରତରେ ଗଲା ୧୨ବର୍ଷ ମଧ୍ୟରେ ୧୭କୋଟି ଭାରତୀୟ ଅତ୍ୟଧିକ ଦାରିଦ୍ର୍ୟରୁ ମୁକ୍ତ ହୋଇଛନ୍ତି। ଏହାର ଅର୍ଥ ହେଉଛି, ଭାରତରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଦାରିଦ୍ର୍ୟ ଦୂରିକରଣ ଯୋଜନା ସଠିକ୍ ଦିଗରେ ଚାଲିରହିଛି। ବିଶ୍ୱବ୍ୟାଙ୍କ ତା'ର ରିପୋର୍ଟରେ ଉଲ୍ଲେଖ କରିଛି, ୨୦୧୧-୧୨ରେ ଭାରତରେ ଅତ୍ୟଧିକ ଦରିଦ୍ରଙ୍କ ହାର ୧୬.୨ ପ୍ରତିଶତ ଥିବାବେଳେ ୨୦୨୨-୨୩ରେ ଏହି ହାର ୨.୩ ପ୍ରତିଶତକୁ ହ୍ରାସ ପାଇଛି। ଯେଉଁମାନେ ଦୈନିକ ୨.୧୫ ଡଲାରରୁ କମ୍ ଅର୍ଥରେ ଚଳନ୍ତି, ସେମାନଙ୍କୁ ବିଶ୍ୱବ୍ୟାଙ୍କ ଅତ୍ୟନ୍ତ ଦରିଦ୍ର ବର୍ଗରେ ସ୍ଥାନୀତ କରିଛି। ଏହି ସମୟ ମଧ୍ୟରେ ଦେଶରେ ୧୭୧ ନିୟୁତ ଅର୍ଥାତ ୧୭କୋଟି ୧୦ଲକ୍ଷ ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି। ଏ ନେଇ ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରସ୍ତୁତ 'ପଭର୍ଟି ଆଣ୍ଡ ଇକ୍ୟୁଇଟି ବ୍ରିଫ' ରିପୋର୍ଟରେ କୁହାଯାଇଛି ଯେ, ଗ୍ରାମାଂଚଳରେ ଅତ୍ୟଧିକ ଦାରିଦ୍ର୍ୟ ୧୮.୪ ପ୍ରତିଶତରୁ ୨.୮ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ସହରାଂଚଳରେ ୧୦.୭ ପ୍ରତିଶତରୁ ୧.୧ ପ୍ରତିଶତକୁ ଖସି ଆସିଛି। ସେହିପରି ଦାରିଦ୍ର୍ୟ ହାରରେ ସହର ଓ ଗ୍ରାମାଂଚଳ ମଧ୍ୟରେ ରହିଥିବା ବ୍ୟବଧାନ ୭.୭ ପ୍ରତିଶତରୁ ୧.୭ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ବାର୍ଷିକ ହ୍ରାସ ୧୭ପ୍ରତିଶତ ରହିଛି। ଯାହାକି ଏକ ଉଲ୍ଲେଖନୀୟ ଅଗ୍ରଗତି ବୋଲି ରିପୋର୍ଟରେ କୁହାଯାଇଛି। ଏହା ନିସନ୍ଦେହ ଯେ, ସତୁରୀ ଦଶକରୁ ଦେଶରେ ଆରମ୍ଭ ହୋଇଥିବା ଦାରିଦ୍ର୍ୟ ଦୂରୀକରଣ ଯୋଜନା ସଫଳ ହୋଇଛି। ଅନ୍ୟପକ୍ଷରେ ଆଇଏମଏଫ ସ୍ପଷ୍ଟ ଚେତାବନୀ ଦେଇଛି ଯେ, ବିଶ୍ୱରେ ଶୁଳ୍କ ଓ ବାଣିଜ୍ୟ ଉତେଜନା ବୃଦ୍ଧି ପାଉଥିବାରୁ ବିଶ୍ୱ ଅର୍ଥନୀତି ବଡ ନକରାତ୍ମକ ଧକ୍କାର ସମ୍ମୁଖୀନ ହୋଇଛି। ଯାହାର ପରିଣତି ସ୍ୱରୁପ ବିଶ୍ୱ ଅର୍ଥନୀତିର ଅଭିବୃଦ୍ଧି ୨.୮ ପ୍ରତିଶତକୁ ହ୍ରାସ ପାଇବ ଆଇଏମଏଫ ଆକଳନ କରିଥିବାବେଳେ ଭାରତର ଅଭିବୃଦ୍ଧି ୨୦୨୬ ବର୍ଷ ପାଇଁ ଆକଳନ ଠାରୁ ମାତ୍ର ଶୂନ ଦଶମିକ ୩ପ୍ରତିଶତ ହ୍ରାସ ପାଇବ ବୋଲି କୁହାଯାଇଛି। ଯାହାକି ଭାରତର ଅର୍ଥନୀତି ବିଶ୍ୱ ବାଣିଜ୍ୟ ଯୁଦ୍ଧ ଦ୍ୱାରା ପ୍ରଭାବିତ ହେବ ନାହିଁ ବୋଲି ସଂକେତ ପ୍ରଦାନ କରିଛି। ଉଲ୍ଲେଖଯୋଗ୍ୟ ଯେ, ଭାରତର ଗ୍ରାମୀଣ ବ୍ୟୟ ଏବଂ ମଧ୍ୟମ ମୁଦ୍ରାସ୍ଫୀତି ଆଭ୍ୟନ୍ତରୀଣ ସ୍ଥିରତା ପ୍ରଦାନ କରିଥାଏ। ଏହି ସ୍ଥିରତାକୁ ଏବେ ବଜାୟ ରଖିବାକୁ ହେବ, ଏହା ହିଁ ଭାରତ ପାଇଁ ଏବେ ସବୁଠାରୁ ବଡ ଚ୍ୟାଲେ। ବିଶ୍ୱରେ ବହୁ ପକ୍ଷୀୟ ବାଣିଜ୍ୟ ଭିତଭୂମି ଦୁର୍ବଳ ମନେ ହେଉଥିବା ସମୟରେ ଭାରତ ସମେତ ଅନ୍ୟ ଦେଶଗୁଡିକ ବୈଶ୍ୱିକ ବାଣିଜ୍ୟିକ ପ୍ରବାହର ଧକ୍କାକୁ ରୋକିବା ପାଇଁ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ଉପରେ ଆଲୋଚନା କରିବା ଜରୁରୀ। ଟ୍ରମ୍ପଙ୍କ ବାଣିଜ୍ୟ ଶୁଳ୍କ ଲଢେଇ ନେଇ ବିଶ୍ୱ ଏବେ ଯେଉଁ ଆହ୍ୱାନର ସମ୍ମୁଖୀନ ହୋଇଛି, ସେଥିରେ ପ୍ରତ୍ୟେକ ରାଷ୍ଟ୍ର ଊଣା ଅଧିକେ ପ୍ରଭାବିତ ହେବା ନିଶ୍ଚିତ। ଏହା ମଧ୍ୟ କୁହାଯାଇପାରେ ଯେ,ଏହାର ପ୍ରଭାବରେ ବିଶ୍ୱ ଅର୍ଥନୀତି ମାନ୍ଦାଗ୍ରସ୍ତ ହୋଇପାରେ। କିନ୍ତୁ ଭାରତ ଉପରେ ଏହାର ପ୍ରଭାବ ପରିଲିଖିତ ହୋଇନପାରେ। ଏହା ସତ୍ତ୍ୱେ ଭାରତ ସତର୍କ ରହିବା ସହ ସେଥିରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଉପାୟ ବାହାର କରିବା ଜରୁରୀ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨ ମୋବାଇଲ ନଂ- ୭୯୭୮୬୬୬୪୦୩**

# ସମ ପରିଣତି

**ଅନୀତା ପଟ୍ଟନାୟକ**

ଗୋଟିଏ ଝିଙ୍କାଳିଆ ଆମ୍ବ ଗଛଟିଏ ଆମ ଘର ପାଖରେ ଥିଲା। ସେ ଗଛକୁ ଅନେକ ପକ୍ଷୀ - ଯଥା କୋଇଲି, ଲାଲି ଥଣ୍ଟ ଥିବା ଶୁଆ, ବଗ ଆସି ବସୁଥିଲେ। କୋଇଲିର ଶବ୍ଦ, ପକ୍ଷୀମାନଙ୍କର କିଚିରି ମିଚିରି ଶବ୍ଦ ପିଲାଦିନେ ଶୁଣିବାକୁ ଭଲ ଲାଗୁଥିଲା। ବଉଳର ବାସ୍ନା ମତେ ଭାରି ଭଲ ଲାଗେ। ସମୟ ପାଇଲେ ସେ ଗଛମୂଳେ ମୁଁ ବସେ। କେତେଥର ପାଚିଲା ଆମ୍ବକୁ ପବନ ଆମ୍ବ ଗଛ ଦେଇ ଯିବା ବେଳେ ସେ ମୋ କୋଳରେ ତାହାକୁ ଫିଙ୍ଗି ଦେଇଛି। କେତେ ରାସ୍ତା ବାଟୋଇଙ୍କର ଖରା ଦିନେ ସେ ଆଶ୍ରୟସ୍ଥଳ ପାଲଟିଛି। ପ୍ରତିଦାନରେ ବଗୁଲିଆ ପିଲାଙ୍କ ଠାରୁ ଢ଼େଲା ମାଡ଼ ଖାଇଛି। ପୂଜା ପାର୍ବଣରେ ଆମ୍ବଡାଳକୁ ଛିଣ୍ଡାଇ ନେଇ ବ୍ୟବସାୟୀମାନେ ତାହାକୁ ବିକ୍ରି କରିଛନ୍ତି। ଏପରି ସମୟ ଆସିଲା, ଆମ୍ବଗଛରେ ଆଉ ପତ୍ର ରହିଲା ନାହିଁ। ସେ ଥୁଣ୍ଟ ଗଛରେ ପରିଣତ ହେଲା। ସମୟକ୍ରମେ ପକ୍ଷୀମାନେ ଆଉ ସେଠାକୁ ଆସିଲେ ନାହିଁ ମୁଁ କିନ୍ତୁ ତା ନିଟକୁ ଯାଏ। ଗଛଟି ଦିନେ ମତେ କହିଲା ହୃଦ+ଦୟା ହେଉଛି ହୃଦୟ। ଏହା ମାଟିରେ ରୋପଣ କରାଯାଏ ନାହିଁ। ମଣିଷର ହୃଦୟରେ ତାହା ଜାଗ୍ରତ ହେବା ଉଚିତ। କିଛି ଦିନ ପରେ ତାର କାଠଗଣ୍ଡିରୁ କେତେକ ଖଳ ପ୍ରକୃତିର ଲୋକ ମେସିନ ଜରିଆରେ କାଟି ନେଲେ। ମୁଁ ପଚାରିବାରୁ ସେମାନେ କହିଲେ ଏହି ଥୁଣ୍ଟା ଗଛଟିର କୌଣସି ମୂଲ୍ୟ ନାହିଁ। ତାର କାଠଗଣ୍ଡି ଗୁଡ଼ିକ କବାଟ ଝରକା ହେବାରେ ସାହାଯ୍ୟ କରିବ। ଏହିପରି ଭାବରେ ଆମ୍ବଗଛଟି ସହିତ ମୋର ବନ୍ଧୁତ୍ୱ ସରି ଯାଇଥିଲା। ଖାଲି ଦୂରରେ ରହି ଦୂରଭାଷରେ ମୋ ସହିତ ମୋର ପିଲାମାନେ ଓ ନାତିନାତୁଣୀମାନେ କଥା ହେବାକୁ ଲାଗିଲେ। ଘର ଛାଡ଼ି ସେମାନଙ୍କ ନିକଟକୁ ବିଦେଶକୁ ଚାଲି ଆସିବା ପାଇଁ ମତେ ଉପଦେଶ ଦେଲେ। ମୁଁ କିନ୍ତୁ ମୋ ସ୍ୱାମୀଙ୍କର ମୋ ପାଇଁ ଅତି ସ୍ନେହରେ କରିଥିବା ଘରଟିକୁ ଛାଡ଼ି କେଉଁଆଡ଼େ ଯିବାକୁ ଚାହୁଁନଥିଲି। ଦିନେ ମୋର ଗୋଡ଼ ଶୌଚାଳୟରେ ପଡ଼ି ଭାଙ୍ଗିଗଲା। ବାହାର ଲୋକଙ୍କ ସହାୟତାରେ ମୋର ଗୋଡ଼ିକୁ ଜଣେ ହାଡ଼ଭଙ୍ଗା ଡାକ୍ତର ପାଖକୁ ସଜାଡ଼ିବାକୁ ଗଲି କିନ୍ତୁ ମୁଁ ଆଉ ଘରକୁ ଫେରିଲି ନାହିଁ। ବିଦେଶରେ ରହୁଥିବା ମୋର ପିଲାମାନେ ଡାକ୍ତରଖାନାରୁ ବୃଦ୍ଧାଶ୍ରମକୁ କିପରି ଯିବି ତାର ବ୍ୟବସ୍ଥା କରିଦେଲେ। ମତେ ବୃଦ୍ଧାଶ୍ରମ ଭଲ ଲାଗୁନାହିଁ। ମୋର ସେ ସାଜସଜ୍ଜାପୂର୍ଣ୍ଣ ଘର ନାତି ନାତୁଣୀଙ୍କର ଏଣେତେଣେ ଫିଙ୍ଗି ଦେଇଥିବା ପଦାର୍ଥ, ମୋର ପିଲାମାନଙ୍କ ଉପରେ ହେଉଥିବା ରାଗ ଅଭିମାନ ମୋର ମନେ ପଡୁଛି। କିନ୍ତୁ ହାୟ ମୁଁ ମଧ୍ୟ ମୋର ପିଲା ଦିନର ବନ୍ଧୁ ଆମ୍ବଗଛ ପରି ପାଲଟି ଯାଇଛି। ଗତକାଲି ଗୋଟିଏ ସମାଜ ସେବୀ ସଂଗଠନ ବୃଦ୍ଧାଶ୍ରମକୁ ଆସିଥିଲେ। ମୁଁ ମୋର ଶରୀରର ଅଙ୍ଗସବୁ ସମାଜ ସେବା ପାଇଁ ଦାନ କରିଦେଇଛି ଆସନ୍ନ ମୃତ୍ୟୁକୁ ଅପେକ୍ଷା କରି ରହିଛି।

*ଅବସରପ୍ରାପ୍ତ ପ୍ରଧାପିକା, ସିଡିଏ, କଟକ*

## ଆପଣଙ୍କ ମତାମତ

**ଡୁମାଣୀ ଖବର ପକ୍ଷରୁ ପାଠକଙ୍କ ମତାମତ ଓ ଆବଶ୍ୟକୀୟ ପରାମର୍ଶ ଗ୍ରହଣ କରାଯିବ। ପାଠକମାନେ ସେମାନଙ୍କର ପ୍ରବନ୍ଧ ଓ ସମୟୋପଯୋଗୀ ଗଳ୍ପ ତଥା ଆପଣଙ୍କ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆମକୁ ସୂଚନା ଦେଲେ ଆମେ ସେଥିପ୍ରତି ଗୁରୁତ୍ୱ ଦେବୁ ଏବଂ ତାହାକୁ ଆବଶ୍ୟକସ୍ଥଳେ ଆମ ସମ୍ବାଦପତ୍ରରେ ପ୍ରକାଶ କରିବୁ ।**

**Mob/ whatsapp : 9090962011**
**Ph. No. : 0674-2975387**
**E-mail : dumanikhabar2020@gmail.com**

# ଓଡ଼ିଆ ସାମାଜିକ ପରମ୍ପରାରେ ଅକ୍ଷୟ ତୃତୀୟା ଓ କୃଷକ ଦିବସର ଏକ ବିଶ୍ଳେଷଣ....

**ରମାକାନ୍ତ ବିଶ୍ୱାଳ**

ଓଡ଼ିଆ ପରମ୍ପରାରେ ବାର ମାସରେ ତେର ପର୍ବ ଏହି ପର୍ବମାନଙ୍କ ଭିତରେ ଅକ୍ଷୟ ତୃତୀୟା, କୃଷି ଓ କୃଷକ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ଦିନ । ଆଜି ଅକ୍ଷୟ ତୃତୀୟା ଅର୍ଥାତ କୃଷକ ଦିବସ । ଏହି ଦିବସ କୃଷି ପ୍ରଧାନ ରାଜ୍ୟ ଓ କୃଷକ ମାନଙ୍କ ପାଇଁ ବିଶେଷ ଗୁରୁତ୍ୱ ବହନ କରିଥାଏ । ବୈଶାଖ ଶୁକ୍ଳ ତୃତୀୟା ଦିନଟି ଅକ୍ଷୟ ତୃତୀୟା ଭାବେ ପରିଚିତୟ ଏହି ଦିନକୁ ଔପଚାରିକ ଭାବେ ସରକାରୀ ସ୍ତରରେ କୃଷକ ଦିବସ ରୂପେ ମଧ୍ୟ ପାଳନ କରାଯାଇଥାଏ । ରାଜ୍ୟ ସରକାର ମଧ ଏହି ଦିବସର ତାତ୍ପର୍ଯ୍ୟକୁ ପ୍ରଚାର ଓ ପ୍ରସାର ପାଇଁ ଭୂମିକା ନିର୍ବାହ କରିଥାନ୍ତି । କୃଷକମାନେ ଅକ୍ଷୟ ତୃତୀୟାକୁ ବଡ଼ ଶୁଦ୍ଧି ଓ ସିଦ୍ଧିର ଦିବସ ଭାବେ ପାଳନ କରିଥାନ୍ତି । କୃଷକ ମନରେ ଖୁବ ଖୁସି ଆନନ୍ଦ ଥାଏ। କୃଷକମାନେ ଏହିଦିନ ଅମୃତ ବେଳା ଦେଖି ଅକ୍ଷିମୁଠି (ଅକ୍ଷୟମୁଠି) ଅନୁକୂଳ କରି କୃଷିକାର୍ଯ୍ୟର ଶୁଭାରମ୍ଭ କରିଥାନ୍ତି । ଏହା ଓଡ଼ିଶାର ପ୍ରତି ପ୍ରାନ୍ତରେ ଦେଖିବାକୁ ମିଳିଥାଏ । ଶୁଭଦିନ ଭାବେ ମନେକରି ଏହିଦିନ ଗୃହନିର୍ମାଣ, ନିର୍ବନ୍ଧ, ବିବାହ, ଉପନୟନ ପ୍ରଭୃତି ଶୁଭକର୍ମ ମଧ ଅନୁଷ୍ଠିତ ହୋଇଥାଏ। ଅକ୍ଷୟ ତୃତୀୟା ଦିନ ଚାଷୀ ପରିବାରରେ ଭରି ରହିଥାଏ ଖୁସିର ମାହୋଲ । ଚାଷୀ ପରିବାରର ପ୍ରତିଟି ସଦସ୍ୟଙ୍କ ଭିତରେ ରହିଥାଏ ଉତ୍ସାହ ଓ ଆନନ୍ଦୟ ଘରର ମୁଖ୍ୟ ଚାଷୀ ନିଜ ସ୍ତ୍ରୀଠାରୁ ହଳଦୀ, ଚନ୍ଦନ, ସିନ୍ଦୂର ବୋଳା ଧାନ ବିହନପୂର୍ଣ୍ଣ ନୂଆ ଗଉଣି(ଭୁଗୁଲି )କୁ ଶଙ୍ଖ ହୁଳହୁଳି ମଧ୍ୟରେ ମୁଣ୍ଡରେ ଥୋଇ ଏବଂ ଅନ୍ୟ ଏକ ନୂତନ ଟୋକେଇରେ ଘର ତିଆରି ପିଠା ପଣା, ଫୁଲ, ଫଳ ଧରି ହଳଲଙ୍ଗଳ ସହ ନିଜ କ୍ଷେତ (ଚାଷ ଜମି)କୁ ଯାଇଥାନ୍ତି । ସେଠାରେ ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜାର୍ଚ୍ଚନା ଓ ଭୋଗଦେଇ ଉକ୍ତ ନୈବେଦ୍ୟ କିଆରୀର ଈଶାଣ କୋଣରେ ପୋତି ହଳ ବୁଲାଇଥାନ୍ତି । ଏହାପରେ ମୁଠା ମୁଠା ଧାନ ବିହନ(ଅକ୍ଷି ମୁଠି)ଚାଷ ଜମିରେ ବୁଣି ମାଁ ଲକ୍ଷ୍ମୀ ଦେବୀଙ୍କୁ ସ୍ମରଣ କରି ଜମିରେ ମୁଣ୍ଡିଆ ମାରିଥାନ୍ତି। କେହି କେହି ସାଷ୍ଟାଙ୍ଗ ପ୍ରଣାମ କରି ଜମିରେ ମାଟି ମୁଣ୍ଡରେ ବୋଳି ଚାଷର ସଫଳତା କାମନା କରିଥାନ୍ତି । ସଧବା ସ୍ତ୍ରୀମାନେ ଏ ଦିନ ଷଷ୍ଠିଦେବୀ'ଙ୍କ ପୂଜା କରି ମାଁ ମାଟିରୁ ନିଜର ଜୀବନ ଧାରଣର ଅବଶିଷ୍ଟ ଆୟୁଷର ପ୍ରାର୍ଥନା କରିଥାନ୍ତି ।

ଅନ୍ୟ ପକ୍ଷରେ ଏହି ଦିନକୁ ନେଇ ଏକ ସୁନ୍ଦର ପୌରାଣିକ କିମ୍ବଦନ୍ତୀ ରହିଛିୟବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା ସହିତ କୃତ୍ତିକା ବା ରୋହିଣୀ ନକ୍ଷତ୍ର ଯୁକ୍ତ ହେଲେ ମହାଫଳ ପ୍ରାପ୍ତିହୁଏ ବୋଲି ଲୋକ ବିଶ୍ୱାସ ରହିଛି । ଫଳରେ ଏହାକୁ ବର୍ଷ ବର୍ଷ ଧରି ବ୍ରତ ରୂପେ ପାଳନ କରାଯାଇ ଆସୁଛି। ବ୍ରତୀମାନେ ଶୁଦ୍ଧକାଳରେ ଏହି ବ୍ରତକୁ ଆରମ୍ଭକରି ଆଠବର୍ଷରେ ଉଦ୍ୟାପନ କରିଥାନ୍ତି । ଏପରିକି ଏହିଦିନ ଜଳଦାନ କଲେ ପୁଣ୍ୟଫଳ ମିଳିଥାଏ । ଏହାକୁ ନେଇ ଏକ ଉପାଖ୍ୟାନ ରହିଛି। ପୂର୍ବକାଳରେ ଜଣେ ପାପୀ ବ୍ରାହ୍ମଣ ଥିଲେ । ସେ ତା' ଜୀବନରେ କିଛି ଦାନ ଧର୍ମ କାର୍ଯ୍ୟ କରି ନଥିଲେ । ଥରେ ତା'ଙ୍କ ଗୃହକୁ ଅନ୍ୟ ଜଣେ ତୃଷାର୍ତ୍ତ ବ୍ରାହ୍ମଣ ଆସି ଜଳଭିକ୍ଷା କଲେ। ପାପୀ ବ୍ରାହ୍ମଣ ତାକୁ ଜଳ ନଦେଇ ନିଷ୍ଠୁର ଭାବେ ଗୃହରୁ ବିତାଡିତ କରିଦେଲେ । ଏହି ସମୟରେ ସୁଶିଳା ନାମ୍ନୀ ତା'ଙ୍କ ସ୍ତ୍ରୀ ଆସି ସ୍ୱାମୀକୁ ସେ କାର୍ଯ୍ୟରୁ ନିବୃତ୍ତ କଲେ ଓ ତୃଷାର୍ତ୍ତକୁ ଜଳଦାନ କଲେ । କିଛି ବର୍ଷ ପରେ ପାପୀ ବ୍ରାହ୍ମଣଙ୍କ ମୃତ୍ୟୁ ହେଲା। ଯମଦୂତମାନେ ଆସି ତାକୁ ବାନ୍ଧି ନେଇଗଲେ । ଯମପୁରୀରେ ଥାଇ ଥରେ ସେ ତୃଷାର୍ତ୍ତ ହୋଇ ଯମଦୂତଙ୍କୁ ଜଳଭିକ୍ଷା କଲେ । ଯମଦୂତମାନେ ତାହାକୁ ତିରସ୍କାର କରି କହିଲେ- ନିଜ ଜୀବନରେ କେବେ ଜଳଦାନ ନକରି ଜଳଭିକ୍ଷା ମାଗୁଛୁ କିପରି ପାପୀ ? ଏହି ସମୟରେ ସ୍ୱୟଂ ଯମରାଜ ସେଠାରେ ପହଞ୍ଚି ସ୍ୱହସ୍ତରେ ସେ ବ୍ରାହ୍ମଣକୁ ଜଳଦାନ କଲେ । ଦୂତମାନେ ଆଶ୍ଚର୍ଯ୍ୟ ହୋଇ ଏହାର କାରଣ ପଚାରିବାରୁ ଯମରାଜ କହିଲେ – ଏହି ବ୍ରାହ୍ମଣ ସାରା ଜୀବନ ପାପକର୍ମ କରିଥିଲେ ସୁଦ୍ଧା ଅକ୍ଷୟ ତୃତୀୟା ଦିନ ଏହାର ସ୍ତ୍ରୀ ତୃଷାର୍ତ୍ତ ବ୍ରାହ୍ମଣକୁ ଜଳଦାନ କରିଥିଲେ । ସ୍ତ୍ରୀର ସେହି ପୁଣ୍ୟବଳରୁ ଏହାର ପାପ ଖଣ୍ଡନ ହୋଇଛି । ତେଣୁ ଏହାର ଆଉ ନର୍କଭୋଗ ଯୋଗ ନାହିଁ । ମହର୍ଷି ଜନକ ଭାରତୀୟ କୃଷିଜୀବୀ କୁଳର ପ୍ରତିନିଧି ରୂପେ ନିଜେ ଭୂମିପୂଜା କରି ବୀଜବପନ କରୁଥିଲେ । ଭୂମିକର୍ଷଣ ସମୟରେ ସେ ସୀତାଙ୍କୁ ଲାଭ କରିଥିବାରୁ ଋକ୍ ବେଦରେ ସୀତା ଉତ୍କୃଷ୍ଟ ବୀଜଦାତ୍ରୀ ରୂପେ ବର୍ଣ୍ଣିତ ହୋଇଛନ୍ତି । ବୈଦିକ ଋଷିମାନେ ଅକ୍ଷୟ ଶସ୍ୟ ପ୍ରଦାନ କରିବା କାମନାରେ ସୀତାଙ୍କୁ ସ୍ତୁତି କରିଛନ୍ତି । ଆଗ୍ନେୟ ପୁରାଣ, ବିଷ୍ଣୁ ଧର୍ମୋତ୍ତର ପୁରାଣ ଓ ଭବିଷ୍ୟ ପୁରାଣାଦିରେ ଅକ୍ଷୟ ତୃତୀୟାକୁ ଗୋଟିଏ ପ୍ରଶସ୍ତ ଶୁଭଦିନ ରୂପେ ବର୍ଣ୍ଣନା କରାଯାଉଛି । ଏଭଳି ଅନେକ ତଥ୍ୟ ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ ହୋଇଥିବା କୁହାଯାଏ । ପୌରାଣିକ କିମ୍ବଦନ୍ତୀ ସହିତ ଅକ୍ଷୟ ତୃତୀୟାର ଆହୁରି କିଛି ବିଶେଷତ୍ୱ ମଧ୍ୟ ରହିଛି । ଏହି ଦିନ କିଛି ସ୍ୱତନ୍ତ୍ର ଜିନିଷ କିଣିବା ଦ୍ୱାରା ମା'ଲକ୍ଷ୍ମୀଙ୍କ ବିଶେଷ କୃପା ପ୍ରାପ୍ତି ହୋଇଥାଏ ବୋଲି ଜନ ଶ୍ରୁତି ରହିଛି। ଅକ୍ଷୟ ତୃତୀୟା ଦିନ ଜିନିଷ କିଣିବାର ଶୁଭ ମୁହୂର୍ତ୍ତ ମଧ୍ୟ ରହିଥାଏ । ସୁନା ରୂପା ସହିତ ଅନ୍ୟ କେଉଁ ଜିନିଷ କିଣି ଆଣିବା ଦ୍ୱାରା ଘର ପରିବାରରେ ଧନରେ ଅଭାବ ରହିନଥାଏ । ଏହି ଦିନ ଜିନିଷ କିଣିବା ଅତ୍ୟନ୍ତ ଶୁଭଙ୍କର ବୋଲି ଶାସ୍ତ୍ରରେ ମାନ୍ୟତା ରହିଛି । ଅକ୍ଷୟ ତୃତୀୟାରେ ସୁନା, ରୂପା ଆଭୂଷଣ ଓ କିଛି ନୂଆ ଜିନିଷ କିଣିବା ଦ୍ୱାରା ଘର ଓ ପରିବାର ର ସୁଖ ସମୃଦ୍ଧି ସମ୍ପତ୍ତିରେ ବୃଦ୍ଧି ହୋଇଥାଏ । ତେଣୁ କୃଷକ ପରିବାର ନୁଆଁ ଖାଇ, ଛାଡ଼ ଖାଇ ତୁଳନାରେ ଅକ୍ଷୟ ତୃତୀୟାକୁ ବହୁ ସମ୍ମାନ ଓ ରୀତି ନୀତି ଅନୁଯାୟୀ ପାଳନ କରିଥାନ୍ତି ।

ଚଳିତ ବର୍ଷ କିଣା କିଣି ପାଇଁ ପଣ୍ଡିତ ମାନେ ଶୁଭ ମୁହୂର୍ତ୍ତ ଧାର୍ଯ୍ୟ କରିଛନ୍ତି। ଅକ୍ଷୟ ତୃତୀୟାରେ କିଣାକିଣିର ପ୍ରଥମ ଶୁଭ ମୁହୂର୍ତ୍ତ ସକାଳ ୫ଟା ୩୩ରୁ ଆରମ୍ଭ ହୋଇ ସକାଳ ୧୦ ଟା ୩୭ ପର୍ଯ୍ୟନ୍ତ ରହିବୟ ଏହାପରେ ୨ୟ ଶୁଭ ମୁହୂର୍ତ୍ତ ୧୨ ଟା ୧୮ରୁ ଖରାବେଳ ୧ଟା୫୯ ପର୍ଯ୍ୟନ୍ତ ରହିବ ବୋଲି ପଣ୍ଡିତ ମାନେ କହିଛନ୍ତି । ଅପରାହ୍ନ ପରେ କିଣାକିଣି କୁ ବାରଣ କରାଯାଇଛି । ହିନ୍ଦୁ ଧର୍ମରେ ଅକ୍ଷୟ ତୃତୀୟା ଦିନର ବିଶେଷ ବିଶେଷତ୍ୱ ରହିଛି । ଏହି ଦିନକୁ ଧର୍ମ, କର୍ମ ସହିତ ଦାନ ପୁଣ୍ୟର ଦିନ ଭାବେ ମଧ ବିବେଚିତ କରାଯାଇଥାଏ । ପବିତ୍ର ରଥଯାତ୍ରା ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ରଥଯାତ୍ରା ପାଇଁ ଉଦ୍ଦିଷ୍ଟ ରଥ ନିର୍ମାଣ କାର୍ଯ୍ୟ ଏହି ଅକ୍ଷୟ ତୃତୀୟାରୁ ହିଁ ଆରମ୍ଭ ହୋଇଥାଏ। ଏପରିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଚନ୍ଦନଯାତ୍ରାର ଶୁଭାରମ୍ଭ ଏହି ଦିନ ହୋଇଥାଏ । ବଳଦେବଜୀଉ ମନ୍ଦିରରେ କୃଷିର ଆରାଧ ଦେବ ହଳାୟୁଧ ବଳରାମଙ୍କର ରେବତୀଙ୍କ ସହ ଅକ୍ଷୟ ତୃତୀୟା ଦିନରେ ହିଁ ବିବାହୋତ୍ସବ ଅନୁଷ୍ଠିତ ହୋଇଥାଏ । ଏପରିକି ପରଶୁରାମ ଓ ଜୟଦେବଙ୍କ ଜୟନ୍ତୀ ଏହି ଦିନରେ ହିଁ ପାଳନ କରାଯାଇଥାଏ । ବଦ୍ରୀନାଥ ଧାମ ଏହି ଦିନ ଖୋଲାଯାଇଥିବା ବିଧି ରହିଛି । ସତ୍ୟ ଯୁଗର ତ୍ରେତୟା ଯୁଗର ଆରମ୍ଭ ଏହି ଅକ୍ଷୟ ତୃତୀୟା ଦିନ ଆରମ୍ଭ ହୋଇଥିବା ପୁରାଣରେ ଉଲ୍ଲେଖ ରହିଛି। ଏପରିକି ସମ୍ବଲପୁରରେ ଅନୁଷ୍ଠିତ ହେଉଥିବା ଶୀତଳଷଷ୍ଠୀ ଯାତ୍ରାର ଶୁଭାରମ୍ଭ (ଥାଳ ଉଠା ବିଧି) ଏହି ଅକ୍ଷୟ ତୃତୀୟା ଦିନଠୁ ହିଁ ଅନୁକୂଳ ହୋଇଥାଏ । ତେଣୁ ଏହି ଦିବସର ତାତ୍ପର୍ଯ୍ୟ ଓ ମହିମାକୁ ନେଇ ବିଶ୍ଳେଷଣ ଓ ଆଲୋଚନା ସମୟ ଶାପେକ୍ଷ । ଅକ୍ଷୟ ତୃତୀୟା ତିଥିରେ ଶ୍ରୀଜୀଉମାନଙ୍କର ରଥନିର୍ମାଣ ପାଇଁ ପରମ୍ପରା ରହି ଆସିଛି । ତନ୍ତ୍ରବିଧି ଅନୁସାରେ ମହାକାଳୀ ମନ୍ତ୍ରରେ ପୂଜିତ କୁରାଢି ଲଗାଇ ବନଯୋଗହୋମର ଆଚାର୍ଯ୍ୟ ତଥା ଦେଉଳ ପୁରୋହିତ ଏହି ତିଥିରେ ରଥନିର୍ମାଣର ଶୁଭାରମ୍ଭ କରିଥାନ୍ତି । ତାଳଧ୍ୱଜ, ଦେବଦଳନ ଓ ନନ୍ଦିଘୋଷ ରଥ ପାଇଁ ଉଦ୍ଦିଷ୍ଟ ଗୋଟିଏ ଧଉରା କାଠ ଗଣ୍ଡିରେ କୁରାଢି ସ୍ପର୍ଶ କରାଯାଇଥାଏ । ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପରେ ଶ୍ରୀଜୀଉଙ୍କ ଆଜ୍ଞାମାଳ ଚନ୍ଦନଠାକୁରଙ୍କ ସହ ପଟୁଆରରେ ରଥଖଳାକୁ ଆସିଥାଏ । ଏହାକୁ ତିନିଜଣ ପୂଜାପଣ୍ଡା ଆଣିଥାନ୍ତି । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖସ୍ଥ ରଥଖଳାରେ ଶ୍ରୀମନ୍ଦିର ପୁରୋହିତ, ରାଜଗୁରୁ ଓ ଶ୍ରୋତୀୟ ବ୍ରାହ୍ମଣମାନେ ବନଯୋଗ ପୂଜା ସମ୍ପାଦନା କରିବାର ବିଧି ରହିଛି । ରୂପକାର, କମାର, ଚିତ୍ରକର, ଭୋଇ, ଅମୀନ ସେବକମାନଙ୍କ ଉପସ୍ଥିତିରେ ବିଶ୍ୱକର୍ମାଙ୍କ ଶାଢୀବନ୍ଧା ନୀତି ପାଳିତ ହୁଏ । ରଥ ସଂହିତା ଓ ଶିଳ୍ପଶାସ୍ତ୍ର ଅବଲମ୍ବନରେ ରଥନିର୍ମାଣ କରାଯାଏ । ଏଥିରେ ୧୧୩୯ ଖଣ୍ଡ କାଠଲାଗିଥାଏ । ସେହି କାଠଗୁଡିକ ହେଲା ଫାସି, ଅସନ, ଧଉରା, ଶିମିଳି, ପାଳଧୂଆ, ମହାନିମ୍ବ, ଗମ୍ଭାରୀ, ମଇ, କଦମ୍ବ, ଦେବଦାରୁ ଇତ୍ୟାଦି । ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନର କର୍ମଚାରୀ ରଥଖଳାରେ ଉପସ୍ଥିତ ରହି ଏହିକାର୍ଯ୍ୟ ସୁରୁଖୁରରେ ହେବାରେ ସାହାଯ୍ୟ କରିଥାନ୍ତି । ବାହାର ଚନ୍ଦନ ଯାତ୍ରାର ଶେଷଦିନ ରଥ ଅଖରେ ଚକ ଲାଗିଥାଏ।

ଏହି ଦିବସ ବା ତିଥିର ବିଶେଷ ମହାତ୍ମ୍ୟ ହେଉଛି ଯେ,ଏହି ଦିନଠାରୁ ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା ଆରମ୍ଭ ହୋଇଥାଏ । ଏତଦବ୍ୟତୀତ ଓଡ଼ିଶାର ଅନ୍ୟ ସ୍ଥାନରେ ମଧ ଚନ୍ଦନ ଯାତ୍ରା ପାଳନ କରାଯାଏ । ଚନ୍ଦନଯାତ୍ରା ଶ୍ରୀମନ୍ଦିରରେ ସବୁଠୁ ଅଧିକ ଦିନ ଧରି ପାଳିତ ହେଉଥିବା ଏକ ମହାନ ପର୍ବ । ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ (ସ୍ନାନପୂର୍ଣ୍ଣିମାର ପୂର୍ବଦିନ) ପର୍ଯ୍ୟନ୍ତ ମୋଟ ୪୨ ଦିନ ଧରି ଅନୁଷ୍ଠିତ ହୋଇଥାଏ। ଏହା ଅକ୍ଷୟ ତୃତୀୟାଠାରୁ ଜ୍ୟେଷ୍ଠ କୃଷ୍ଣ ଅଷ୍ଟମୀ ପର୍ଯ୍ୟନ୍ତ ୨୧ଦିନ ନରେନ୍ଦ୍ର ପୁଷ୍କରଣୀରେ ବାହାର ଚନ୍ଦନଯାତ୍ରା ରୂପେ ଓ ପରବର୍ତ୍ତୀ ୨୧ଦିନ (ଜ୍ୟେଷ୍ଠ ଶୁକ୍ଳ ଚତୁର୍ଦ୍ଦଶୀ) ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଭିତର ଚନ୍ଦନ ରୂପେ ପାଳିତ ହୋଇଥାଏ । ଏହିଭଳି ବିଶେଷ ତାତ୍ପର୍ଯ୍ୟ ରଖୁଥିବା ଅକ୍ଷୟ ତୃତୀୟା ଜୀବନ ଧାରଣ ପାଇଁ ପ୍ରତିଟି ମାନବ ସମାଜକୁ ଅକ୍ଷୟ ଦାନ କୁହାଯିବ । ଏହି ଦିବସ ଧରିତ୍ରୀ ମାଟି ଉପରେ ନିଜର ନିର୍ଭରଯୋଗ୍ୟ ପେଟ ପାଟଣା ଓ ଧନ ଧାନ୍ୟର ପୂର୍ଣ୍ଣତା ପ୍ରାପ୍ତିର ପୁଣ୍ୟତା ପାଇଁ ଏକ ସଂକଳ୍ପର ଦିନ ଏହାକୁ ଆମ୍ଭେ ସମସ୍ତେ ମାନିବାକୁ ହେବ ।

*ଉପସ୍ଥାପନା, ବରିଷ୍ଠ ସାମ୍ବାଦିକ*



# ଚକ୍ରବ୍ୟୂହରେ କୃଷକ ଓ ଚାଷର ଭବିଷ୍ୟତ

**ସୁବାସ କୁମାର ତାରଣିଆଁ**

ଭାରତ ଏକ କୃଷି ପ୍ରଧାନ ଦେଶ। ଭାରତର ଶତକଡ଼ା ୭୫ ଭାଗ ଲୋକ କୃଷି ଉପରେ ନିର୍ଭର କରିଥାନ୍ତି। ଏକଦା କୃଷିଜାତ ଦ୍ରବ୍ୟ ଉତ୍ପାଦନ କ୍ଷେତ୍ରରେ ଭାରତ କୃଷିଜୀବି ରାଷ୍ଟ୍ର ଭାବରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଦେଶର ୧୨୦ କୋଟି ଜନତା ଖାଦ୍ୟ ଉପରେ ନିର୍ଭର କରିଥାନ୍ତି। କାରଣ ବିନା ଖାଦ୍ୟରେ ମଣିଷ ଜୀବନ ଯାପନ କରିବା ଅସମ୍ଭବ। ତେଣୁ ଚାଷୀମାନେ ହିଁ ଖାଦ୍ୟର ଅଭାବକୁ ପୂରଣ କରିଥାନ୍ତି। ସେଥିପାଇଁ ଚାଷୀଙ୍କୁ ଅନ୍ନଦାତା ବୋଲି କୁହାଯାଏ। ଓଡ଼ିଶାରେ ସାଧାରଣତଃ ଧାନ, ବିରି, ମୁଗ, କୋଳଥ, ହରଡ଼, ନଳିତା, ଚିନାବାଦାମ ଓ ସୂର୍ଯ୍ୟମୁଖୀ ଠାରୁ ଆରମ୍ଭ କରି ବିଭିନ୍ନ କିସମର ଚାଷ କରାଯାଇଥାଏ। 'କର୍ମ ମୋହର ନିଜ ଗୁରୁ, ଉଦ୍ଧବ କେତେ ତୁ ପଚାରୁ' ଏହି ଉକ୍ତିଟିକୁ ପ୍ରମାଣିତ କରି ଚାଷୀଟି ବଢି ଭୋରରୁ କଂସାଏ ପଖାଳ ଓ ଶାଗଭଜା ଖାଇ ତାର ଅତି ଆପଣାର ସାଥୀ ବଳଦଙ୍କୁ ଯୋଚି ଲଙ୍ଗଳ ଧରି ବିଲକୁ ଯାଏ ଚାଷ କାମ ପାଇଁ। ଖରା ବର୍ଷାକୁ ଖାତିର ନ କରି ନିଜ ଜମିକୁ ଉର୍ବର କରି ସୁନାର ଫସଲ ପଳାଇବା ପାଇଁ ଅହରହ ପ୍ରୟାସ କରିଥାଏ। ସମୟର ପରିବର୍ତ୍ତନ ଫଳରେ ପୁରାତନ ଚାଷ ପଦ୍ଧତିକୁ ଛାଡ଼ି ଆଧୁନିକ ପଦ୍ଧତିରେ ଉନ୍ନତମାନର ବିହନ, କୀଟନାଶକ ଔଷଧ ଓ ରାସାୟନିକ ସାର ପ୍ରୟୋଗ ମାଧ୍ୟମରେ କିପରି କମ୍ ଜମିରେ ଅଧିକ ଫସଲ ଅମଳ କରିପାରିବ ସେଥିପ୍ରତି ଅଧିକ ଦୃଷ୍ଟି ଦେଉଛି ଚାଷୀ।

ଦେଶ ଦେଶ ମଧ୍ୟରେ ସୁସମ୍ପର୍କ ରକ୍ଷା କରିବାରେ ମଧ ଚାଷୀ ଅବଦାନ ଅତୁଳନୀୟ। କାରଣ ଆମ ଦେଶରେ ଉତ୍ପାଦିତ ହେଉଥିବା ଦ୍ରବ୍ୟ ପଡ଼ୋଶୀ ରାଷ୍ଟ୍ରକୁ ପଠାଯାଉଥିବା ବେଳେ ପଡ଼ୋଶୀ ରାଷ୍ଟ୍ରରେ ଉତ୍ପାଦିତ ଦ୍ରବ୍ୟ ମଧ ଆମ ଦେଶକୁ ଆସିଥାଏ ଯାହାକୁ ଆମଦାନୀ ଓ ରପ୍ତାନୀ କୁହାଯାଏ। ବେଳେ ବେଳେ କିଛି କୁଟନୈତିକ ଶକ୍ତି ପ୍ରୟୋଗ କରି ଅନେକ ରାଷ୍ଟ୍ର ଆମ ଦେଶକୁ ଦ୍ରବ୍ୟ ରପ୍ତାନୀ କରିବାରେ ଜାଣିଶୁଣି ସମସ୍ୟା ସୃଷ୍ଟି କରନ୍ତି। ଫଳରେ ଦେଶରେ କଳାବଜାରୀ ଓ ଅଭାବୀ ବିକ୍ରି ଦେଖାଦିଏ ଏବଂ ଏଥିପାଇଁ ଚାଷୀ ବହୁ ସମସ୍ୟାର ସମ୍ମୁଖୀନ ହୁଏ, ଯାହାର ପ୍ରଭାବ ଜନସାଧାରଣଙ୍କ ଉପରେ ପଡୁଥିବା ବେଳେ ଏହାର ଫାଇଦା ନେଅନ୍ତି କିଛି ଅସାଧୁ ବ୍ୟବସାୟୀମାନେ। ତେବେ ଯେଉଁ କୃଷକ ଦିନ ରାତି ପରିଶ୍ରମ କରି ନିଜ ରକ୍ତକୁ ପାଣି କରି ଦେଶକୁ ଖାଦ୍ୟଶସ୍ୟ ଯୋଗାଉଛି, ସେହି କୃଷକ ଏବେ ଘୋର ସଙ୍କଟ ଦେଇ ଗତିକରୁଛି ଓ ଚାଷର ଭବିଷ୍ୟତ ମଧ ଅନ୍ଧାରରେ। ସେହିପରି କୃଷକର ପ୍ରଧାନ ପର୍ବ ଅକ୍ଷୟ ତୃତୀୟା। ଏହି ପବିତ୍ର ଦିନରେ କୃଷକମାନେ ବଡ଼ିଭୋରରୁ ଅଖିମୁଠି ଅନୁକୂଳ କରି ନିଜ କ୍ଷେତରେ ବିହନ ବୁଣି ପ୍ରଥମେ ଚାଷ ଆରମ୍ଭ କରିଥାଏ। ଯେଉଁ ଚାଷକୁ ଅମଳ କରି କୃଷକଭାଇମାନେ ସାରା ଦେଶକୁ ଖାଦ୍ୟ ଯୋଗାଇଥାଏ। କିନ୍ତୁ ବଡ଼ ଦୁଃଖ ଓ ପରିତାପର ବିଷୟ ଏହି ପବିତ୍ର ଦିନକୁ ଛୁଟି ଘୋଷଣା କରିବାକୁ କୃଷକଭାଇମାନେ ବାରମ୍ବାର ଦାବି କରି ଆସୁଥିଲେ ମଧ ସରକାର ଏଥିପ୍ରତି କର୍ଣ୍ଣପାତ ନ କରିବା କୃଷକମାନଙ୍କୁ ଗଭୀର ଭାବେ ବ୍ୟଥିତ କରିଛି। କାରଣ କୃଷକ ଆଜି ଉପଯୁକ୍ତ ପ୍ରୋତ୍ସାହନରୁ ବଞ୍ଚିତ। ଯଦି ଚାଷୀକୁ ଉପଯୁକ୍ତ ପ୍ରୋତ୍ସାହନ ସହିତ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆଯାଇପାରିବ, ତେବେ ଜଣେ ଚାଷୀ ଭଲ ଫସଲ ଉତ୍ପାଦନ କରିପାରିବ ଓ ଚାଷ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିବ। କିନ୍ତୁ ଉପଯୁକ୍ତ ପ୍ରୋତ୍ସାହନର ରାଶି ସାଙ୍ଗକୁ ଆବଶ୍ୟକୀୟ ସାମଗ୍ରୀ ଅଭାବରୁ ଫସଲରେ କ୍ଷତି ଘଟୁଛି ଏବଂ ଚାଷୀ ଆତ୍ମହତ୍ୟା କରୁଛି। ସେହିପରି ଦୈବ ଦୁର୍ବିପାକ ଘଟଣା ପାଇଁ ମଧ ଚାଷ କ୍ଷେତ୍ରରେ ଅନେକ ସମସ୍ୟା ସୃଷ୍ଟି ହେଉଛି। 'ଜଳ ବିହୁନେ ସୃଷ୍ଟି ନାଶ, ଜଳ ବହୁଳେ ସୃଷ୍ଟି ନାଶ'। ଜଳସେଚନ ପ୍ରତି ଯଥେଷ୍ଟ ପ୍ରାଧାନ୍ୟ ଦିଆ ନଯିବାରୁ ଜଳ ସଙ୍କଟରୁ ଚାଷୀ ମରୁଡ଼ିର ସମ୍ମୁଖୀ ହେଉଛି ଓ ଅତ୍ୟଧିକ ବୃଷ୍ଟିବାତ ଓ ବନ୍ୟା ଫଳରେ କ୍ଷେତରେ ଦୀର୍ଘଦିନ ପର୍ଯ୍ୟନ୍ତ ପାଣି ଜମି ରହିବା ଫଳରେ ଫସଲ ପଚି ନଷ୍ଟ ହୋଇଯାଉଛି। ଫଳରେ ଚାଷୀଟି ଋଣ କରି ଚାଷରେ ଲଗାଇଥିବା ପୁଞ୍ଜି ଶୁଝି ନପାରି ଆତ୍ମହତ୍ୟା କରୁଛି।

ଆମ ଦେଶରେ ସରକାରୀ ପଦପଦବୀରେ ଅବସ୍ଥାପିତ ବଡ଼ ବଡ଼ ଅଫିସରଙ୍କ ଠାରୁ ଆରମ୍ଭ କରି ତଳିଆ କର୍ମଚାରୀ କିରାଣୀ ଓ ପିଅନ ପର୍ଯ୍ୟନ୍ତ ନିଜର ଚାକିରୀ କାଳ ମଧ୍ୟରେ ନିଜର କର୍ତ୍ତବ୍ୟ ଓ କାର୍ଯ୍ୟଦକ୍ଷତା ତୁଳନାରେ ଢେର ଅଧିକ ଦରମା ପାଇବା ସହିତ ସରକାରୀ ସୁବିଧା ଯଥା ମାଗଣା ଘର, ଗାଡ଼ି, ସ୍ୱାସ୍ଥ୍ୟ ସେବା, ଇପିଏଫ୍ ଓ ଇଏସ୍ଆଇ ଇତ୍ୟାଦି ସୁବିଧା ପାଉଛନ୍ତି ଏବଂ ଅବସର ପରେ ସାରା ଜୀବନ ପେନ୍ସନ ପାଇ ସୁଖ ସ୍ୱାଚ୍ଛନ୍ଦରେ ଜୀବନ ଅତିବାହିତ କରୁଛନ୍ତି। ସେହିପରି ରାଜନୀତି କ୍ଷେତ୍ରରେ ଜନପ୍ରତିନିଧିମାନେ ମାତ୍ର ୫ ବର୍ଷ ପାଇଁ ନିର୍ବାଚିତ ହେଉଥିଲେ ମଧ ପାଞ୍ଚ ବର୍ଷ ମଧ୍ୟରେ ନିଜର ମୋଟା ଅଙ୍କର ଦରମା ସହିତ ଅସାଧୁ ଉପାୟରେ ପ୍ରଚୁର କଳାଧନ ଠୁଳ କରି ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ପେନ୍ସନ ପାଇ ଜୀବନ ଅତିବାହିତ କରନ୍ତି ଏବଂ ପାରିବାରିକ ରାଜନୀତିକୁ ଆପଣେଇ ନିଜେ ରାଜନୀତିରୁ ଦୂରେଇ ରହି ନିଜ ପୁଅ, ଝିଅଙ୍କୁ ସୁଯୋଗ ଦେଇ ଟଙ୍କାର ପାହାଡ଼ ସୃଷ୍ଟିକରି ଚଳନ୍ତି ବହୁ ବିଳାସପୂର୍ଣ୍ଣ ଅଟ୍ଟାଳିକାର ମାଲିକ ବନୁଥିବା ବେଳେ ଚାଷୀଟି ନିଜ କ୍ଷେତରୁ ଚାଷକାର୍ଯ୍ୟ ସାରି ଘରକୁ ଫେରିଲା ପରେ ଘରେ ରୋଷେଇ କରିବା ପାଇଁ ସଉଦା ନଥିବା ବେଳେ ଅର୍ଥ ଅଭାବରୁ ପୁଅର ପାଠପଢାରେ ଡ଼ୋରୀ ବନ୍ଧା ହେଉଛି, ଋଣ ପରିଶୋଧ କରିନପାରିବାରୁ ଗାଁ ସାହୁକାରଙ୍କ ଜୁଲମ୍ ଚାଷୀକୁ ଆତ୍ମହତ୍ୟା କରିବାକୁ ଏକ ପ୍ରକାର ବାଧ କରୁଛି, ପରିବାରର ଆର୍ଥିକ ସ୍ଥିତିକୁ ହୃଦୟଙ୍ଗମ କରି ଚଷା ପୁଅ ଝିଅମାନେ ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି। ନେତା, ମନ୍ତ୍ରୀମାନେ ସେମାନଙ୍କ ଝିଅ ବାହାଘରରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ଚର୍ଚ୍ଚାକୁ ଆସୁଥିବା ବେଳେ ଜଣେ କୃଷକ ନିଜ ଝିଅ ବାହାଘର ପାଇଁ ଅର୍ଥ ଅଭାବରୁ ଘରର ପଟ୍ଟା ପାଉତି ଗାଁ ସାହୁକାର ପାଖରେ ବନ୍ଧା ପକାଇଲାଣି ତ ଆଉ କେଉଁଠି ତାର ଅତି ଆପଣାର ସାଥୀ ନିଜର ବଳଦକୁ ବିକିବାକୁ ବାଧ ହେଉଛି।

ଅପର ପକ୍ଷରେ ଆଧୁନିକ ଯନ୍ତ୍ରପାତିର ବହୁଳ ବ୍ୟବହାର ଚାଷୀ ପ୍ରତି ଶକ୍ତ ଧକ୍କା ଲାଗିଛି। ଫଳରେ ଚାଷରେ ଉନ୍ନତି ଘଟିଛି ସତ, ମାତ୍ର ଚାଷୀ କିନ୍ତୁ ରସାତଳକୁ ଗତି କରୁଛି। ଟ୍ରାକ୍ଟରର ବ୍ୟବହାର ଯୋଗୁ ଚାଷୀ ତାର ବଳଦ ଓ ଲଙ୍ଗଳ ସାହାଯ୍ୟରେ ଜମିକୁ ଚାଷ କରି ଦି'ପଇସା ରୋଜଗାର କରି ନିଜର ପରିବାର ଭରଣ ପୋଷଣ କରୁଥିଲା ସେ ବାଟ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଆଉ ହଳ ଲଙ୍ଗଳ କ୍ଷେତରେ ଦେଖିବାକୁ ମିଳୁନାହିଁ, ବଳଦ ଏବେ ଅଦରକାରୀ ହୋଇଯାଇଛି ଏବଂ ଲଙ୍ଗଳ ଘରେ ରହି ରହି କିଛିଦିନ ପରେ ନଷ୍ଟ ହୋଇଯାଉଛି। ସେହିପରି ଧାନ ରୁଆ ସମୟରେ ଚାଷୀ ତାର ସ୍ତ୍ରୀ ଓ ପିଲାଙ୍କୁ ଧରି ଧାନ ରୋଇ କିଛି ରୋଜଗାର କରି ଭବିଷ୍ୟତ ପାଇଁ ସଞ୍ଚୟ କରୁଥିବା ବେଳେ ଏବେ ସେ ସ୍ଥାନ ପୂରଣ କରିଛି ଧାନରୁଆ ମେସିନ୍, ଯାହା ଫଳରେ କିଛି ଶିଳ୍ପ ପ୍ରତିଷ୍ଠାନ ଓ ଟ୍ରାକ୍ଟର ମାଲିକମାନେ ମାଲେମାଲ ହେଉଛନ୍ତି। ସେହିପରି ପ୍ରଶାସନିକ ଅଧିକାରୀ, ଜମି ମାଫିଆ ଓ ଦଲାଲମାନଙ୍କ ମିଳିତ ଚକ୍ରାନ୍ତରେ ଚାଷ ଜମିର କିସମ ପରିବର୍ତ୍ତନ କରାଯାଇ ଘରବାରିରେ ପରିଣତ କରାଯାଉଛି। ଫଳରେ ଏହି ଜମି ଦଲାଲ ଓ ମାଫିଆ ମାନେ ଚାଷୀଙ୍କୁ ଧମକ ଚମକ ଦେଇ ସେମାନଙ୍କ ଜମିକୁ ଶାଗମାଛ ଦରରେ କିଣି ତାକୁ ପ୍ଲଟିଂ କରି, ଘରବାରି ଦର୍ଶାଇ ଗୋଟିଏ ଜମିକୁ ଏକାଧିକ ଲୋକଙ୍କୁ ଚଢା ଦରରେ ବିକ୍ରି କରୁଛନ୍ତି ଓ ଆଉ କିଛି ଜମି ଚଢା ଦର କାରଣରୁ ପଡ଼ିଆ ହୋଇ ପଡ଼ିରହୁଛି। ଫଳରେ ଚାଷୀ ଅନେକ କ୍ଷତି ସହୁଥିବା ବେଳେ ଚାଷରେ ବାଧା ସୃଷ୍ଟି ହେଉଛି ଓ 'ଜୟ ଯବାନ ଜୟ କିଷାନ' ଆଜି 'ଜୟ ଯବାନ ଜୟ ପ୍ରଶାସନ'ରେ ପରିଣତ ହୋଇଛି।

କୃଷକମାନଙ୍କୁ ସମ୍ମାନ ଦେବା ଓ ସେମାନଙ୍କ ମନୋବଳ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୨୦୦୫ ମସିହାରେ ସମାଜସେବୀ ତଥା ଉଦୀୟମାନ ଯୁବକ ପ୍ରତାପ କୁମାର ସାହୁ ନିଜ ଗ୍ରାମ କଟକ ଜିଲ୍ଲା ମାହାଙ୍ଗା ଥାନା ଅନ୍ତର୍ଗତ ବରାହିଁପୁର ପଞ୍ଚାୟତର ମଣିଜୋରୀ ଗ୍ରାମରେ ଭାରତର ସର୍ବପ୍ରଥମ କୃଷକ ମନ୍ଦିର ପ୍ରତିଷ୍ଠା କରିଥିଲେ। ବିପ୍ଳବୀ କବି ରବି ସିଂ ଓ ପ୍ରାକ୍ତନ ସାଂସଦ ମୋହନ ଜେନା ଏହି କୃଷକ ମନ୍ଦିରକୁ ଉଦ୍‌ଘାଟନ କରିଥିଲେ। ସେହିଦିନ ଠାରୁ ପ୍ରତିବର୍ଷ କୃଷକମାନଙ୍କର ପବିତ୍ର ଉତ୍ସବ 'ଅକ୍ଷୟ ତୃତୀୟ' ଦିନ ଉକ୍ତ କୃଷକ ମନ୍ଦିରରେ ହୋମଯଜ୍ଞ କରାଯିବା ସହ ହଳ ପ୍ରତିଯୋଗିତା, ଗାଇ ଗୋରୁମାନଙ୍କ ପାଇଁ ସ୍ୱାସ୍ଥ୍ୟସେବା ପାଇଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇଥାଏ। ସେଠାରେ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ହଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥାଏ ଓ କୃତି କୃଷକ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବା ସହିତ ମାନପତ୍ର ପ୍ରଦାନ କରାଯାଇଥାଏ।

ଦେଶରେ ସମୁଦାୟ ଚାଷୀମାନଙ୍କ ମଧ୍ୟରୁ ଅଶୀ ଭାଗ ହେଉଛନ୍ତି କ୍ଷୁଦ୍ର ବା ନାମମାତ୍ର ଚାଷୀ। କୃଷି ଦେଶର ପଚାଶଭାଗ ଲୋକଙ୍କୁ କର୍ମନିଯୁକ୍ତି ଯୋଗାଉଥିଲା ବେଳେ ସେମାନଙ୍କୁ ଅବହେଳା କରିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ଅନେକ ଧାନଚାଷୀ, ମୁଗ ଚାଷୀ, ଆଖୁଚାଷୀଙ୍କ ଭଳି ଆହୁରି ଅନେକ ଚାଷୀ ଏବେ ବି ସରକାରୀ ସାହାଯ୍ୟ ସୁବିଧାକୁ ଚାହିଁ ବସିଛନ୍ତି। ଆଧୁନିକ ଜ୍ଞାନକୌଶଳ, ଉନ୍ନତମାନ ବିହନର ଅଭାବ ସହିତ ଜଳସେଚନର ସୁବିଧା, ବିଶେଷକରି ପାଣିପାଗ ସମ୍ବନ୍ଧୀୟ ତଥ୍ୟ ପ୍ରଦାନରେ ବିଫଳତା, ବ୍ୟାଙ୍କମାନଙ୍କ ତରଫରୁ ଋଣ ପ୍ରଦାନରେ ଅବହେଳା, ଗାଁ ସାହୁକାରର କୃଷକମାନଙ୍କ ପ୍ରତି ଜୁଲମ, ଉତ୍ପାଦିତ ଦ୍ରବ୍ୟର କ୍ରୟ ବିକ୍ରୟ ପାଇଁ ସ୍ଥାନ ଚିହ୍ନଟ ନ କରିବା, ଭାଗଚାଷୀମାନଙ୍କୁ ଚିହ୍ନଟ ପ୍ରକ୍ରିୟାରେ ଜାଣିଶୁଣି ଅବହେଳା କରିବା, ଉତ୍ପାଦିତ ଦ୍ରବ୍ୟକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ଶୀତଳ ଭଣ୍ଡାର ପ୍ରତିଷ୍ଠା ନକରିବା କାରଣରୁ ଚାଷୀ ଆଜି ଦେଶର ଅନ୍ନଦାତା ହୋଇଥିଲେ ମଧ ତାର ଅଭାବ ଦେଖାଦେଇଛି । ଏଥିପାଇଁ ଚାଷୀମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପାଣ୍ଠି ଗଠନ କରାଯାଇ ସେମାନଙ୍କୁ ଅନ୍‌ଲାଇନ ମାଧ୍ୟମରେ ପଞ୍ଜିକରଣ କରିବା, ପ୍ରତିରାଜ୍ୟ ଓ ଜିଲ୍ଲାରେ କୃଷି ଗବେଷଣା କେନ୍ଦ୍ର ଖୋଲାଯାଇ ଆଧୁନିକ ଜ୍ଞାନ କୌଶଳ ମାଧ୍ୟମରେ ସେମାନଙ୍କୁ ତାଲିମ୍ ଦେବା, ବୃଷ୍ଟି ଜଳକୁ ସଂରକ୍ଷଣ ରଖି ତାକୁ ଚାଷ ସମୟରେ ଠିକ ଭାବେ ବିନିଯୋଗ କରିବା, ବହୁ ପାରିମାଣରେ ଶୀତଳ ଭଣ୍ଡାର ନିର୍ମାଣ କରି ଉତ୍ପାଦିତ ଦ୍ରବ୍ୟସବୁକୁ ସୁରକ୍ଷିତ ରଖିବା ସହିତ ଗରିବ କୃଷକଙ୍କ କଲ୍ୟାଣ ନିମନ୍ତେ ସରକାରଙ୍କ ତରଫରୁ ଏକ କୃଷକ କଲ୍ୟାଣ ପାଣ୍ଠି ଗଠନ କରାଯାଇ ଦୈବୀ ଦୁର୍ବିପାକ ଓ ଅତ୍ୟାବଶ୍ୟକ ସମୟରେ ଏହି ପାଣ୍ଠିର ସୁବିନିଯୋଗ କରିବା, ଚାଷ କ୍ଷେତ୍ରରେ କୃଷକମାନଙ୍କୁ ଉତ୍ସାହିତ କରିବା ପାଇଁ ଅକ୍ଷୟ ତୃତୀୟାକୁ ସରକାରୀ ଭାବେ ଛୁଟି ଘୋଷଣା କରିବା, ଓଡ଼ିଶାର ପ୍ରତ୍ୟେକ ବ୍ଲକ ମୁଖ୍ୟାଳୟରେ କୃଷକ ମନ୍ଦିର ପ୍ରତିଷ୍ଠା କରିବା, ବିଧାନସଭାରେ ମୃତ କୃଷକମାନଙ୍କ ପାଇଁ ଶୋକ ପ୍ରସ୍ତାବ ଆଗତ କରିବା, ସରକାରୀ ପଦାଧିକାରୀଙ୍କ ଭଳି କୁଶଳୀ ତଥା ଅଭିଜ୍ଞ ଚାଷୀମାନଙ୍କୁ ପୁରସ୍କୃତ କରାଯିବା ସହିତ ସରକାରୀ କର୍ମଚାରୀଙ୍କ ଭଳି କୃଷକମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା ଲାଗୁ କରାଯାଏ, ତେବେ ଯାଇ ଚାଷୀର ସବୁ ସମସ୍ୟା ଦୂର ହୋଇପାରନ୍ତା ଓ ଚାଷୀମାନଙ୍କୁ ଆଉ ଆତ୍ମହତ୍ୟା କରିବାକୁ ପଡ଼ନ୍ତା ନାହିଁ।

*କଣ୍ଟି, ବାହାରଣା, ବାଲିକୁଦା, ଜଗତସିଂହପୁର*

# ଆରମ୍ଭ ହେଲା ଜିଲ୍ଲାସ୍ତରୀୟ ଏକ ଦେଶ, ଏକ ନିର୍ବାଚନ ଅଭିଯାନ




କେନ୍ଦୁଝର, (ଡିକେ ନ୍ୟୁଜ୍): ଦେଶରେ ଏକା ସଙ୍ଗରେ ସଂସଦୀୟ ନିର୍ବାଚନ ସହ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ବିଧାନସଭା ନିର୍ବାଚନ କରିବାକୁ ଭାରତ ଏବେ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ ହେଉଛି। କେନ୍ଦ୍ରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ବିଜେପି ସରକାର ଏହି ଅଭିଯାନକୁ ସାକାର କରିବାକୁ ସାରା ଦେଶରେ ଜନମତାମତ ଓ ଜନପରାମର୍ଶ ଲୋଡ଼ୁଛି। ଏହି ପରିପ୍ରେକ୍ଷିରେ ଓଡ଼ିଶାରେ ମଧ୍ୟ ଅଭିଯାନ ଆରମ୍ଭ ହୋଇଛି। ସୋମବାର କେନ୍ଦୁଝର ଜିଲ୍ଲାରେ ଦଳ, ମତ, ପନ୍ଥ ନିର୍ବିଶେଷରେ ଜିଲ୍ଲାବାସୀଙ୍କ ଉପସ୍ଥିତିରେ ଏହି କାଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ବିଜେପିର ଜିଲ୍ଲା ସଭାପତି ଶୁକଦେବ ମହାନ୍ତଙ୍କ ଅଧ୍ୟକ୍ଷତାରେ ଏବଂ ମାଳତୀ ଦେବୀ ଫାଉଣ୍ଡେସନ୍ ସ୍ୱେଚ୍ଛାସେବୀ ସଂଗଠନର ସହଯୋଗରେ ଏକ ଜିଲ୍ଲାସ୍ତରୀୟ ଏକ ଦେଶ, ଏକ ନିର୍ବାଚନ ପାଇଁ ଜନ ମତାମତ ଲୋଡ଼ିବାକୁ ଆରମ୍ଭ ହୋଇଛି ପ୍ରୟାସ। ଏହି ଜନ ସମାବେଶରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାଏକ, ତେଲକୋଇ ବିଧାୟକ ଫକିର ମୋହନ ନାଏକ, ରାଜ୍ୟ ବିଜେପିର ମୁଖ୍ୟ ମୁଖପାତ୍ର ସଜ୍ଜନ ଶର୍ମା, ଆନନ୍ଦପୁରର ପୂର୍ବତନ ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ ପ୍ରମୁଖ ଯୋଗ ଦେଇ ରାଷ୍ଟ୍ରହିତ ପାଇଁ ଏକ ଦେଶ, ଏକ ନିର୍ବାଚନ ସକାଶେ ଆଇନ ପ୍ରଣୟନ ଉପରେ ସମବେତ ଜନତାଙ୍କୁ ମାର୍ଗଦର୍ଶନ କରିଥିଲେ। ଏକ ଦେଶ, ଏକ ନିର୍ବାଚନ ଅଭିଯାନର କେନ୍ଦୁଝର ଓ ଭଦ୍ରକ ଜିଲ୍ଲା ସଂଯୋଜକ ପତଞ୍ଜଳୀ କର ଶର୍ମା। ଏହି ଅଭିଯାନର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେଇ ଏହି ରାଷ୍ଟ୍ରୀୟ ଅଭିଯାନକୁ କିପରି ଜିଲ୍ଲାର ତୃଣମୂଳ ସ୍ତର ପର୍ଯ୍ୟନ୍ତ ପହଞ୍ଚାଯାଇ ପାରିବ, ସେଥିପାଇଁ ଜିଲ୍ଲା ନେତୃତ୍ୱ ଓ ଜିଲ୍ଲାବାସୀଙ୍କୁ ନିବେଦନ କରିଥିଲେ। ଅଗୁନୁ ମହାନ୍ତ ମଞ୍ଚ ପରିଚାଳନା କରିଥିବାବେଳେ ଏହି ସମାବେଶରେ ମାଳତୀ ଦେବୀ ଫାଉଣ୍ଡେସନ୍‌ର ଆବାହକ ପ୍ରଣବ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ବିଜେପି ମିଡିଆ ପ୍ରଭାରୀ ବ୍ରଜ କିଶୋର ରାୟ ସମ୍ମିଳନୀ ସୁପରିଚାଳନା କରିଥିଲେ। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ରାଜନୈତିକ, ସାମାଜିକ, ସାଂସ୍କୃତିକ ଆଦି ବିଭିନ୍ନ ବର୍ଗର ବୁଦ୍ଧିଜୀବୀ ଏହି ସମାବେଶରେ ଯୋଗ ଦେଇଥିଲେ।

# ପାନୀୟ ଜଳ ଯୋଗାଣ ଓ ସରପଞ୍ଚଙ୍କ ଗିରଫ ଦାବିରେ ରାସ୍ତା ଅବରୋଧ



ଆଠମଲ୍ଲିକ, (ଡିକେ ନ୍ୟୁଜ୍): ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଅନ୍ତର୍ଗତ ପେଡିପଥର ପଞ୍ଚାୟତର ଦଳିତ ସାହିରେ ପାନୀୟ ଜଳ ଯୋଗାଣରେ ସ୍ଥାନୀୟ ସରପଞ୍ଚଙ୍କ ପାତର ଅନ୍ତର ନୀତିରେ ଅତିଷ୍ଠ ହୋଇ ସାହି ବାସିନ୍ଦା ମଙ୍ଗଳବାର ସକାଳ ପ୍ରାୟ ୭ ଘଟିକା ଠାରୁ ଅପରାହ୍ଣ ଯାଏଁ ବଇଣ୍ଡା-କିଆକଟା ୬୨ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରି ରଖିଥିଲେ। ଫଳରେ ଯାନ ବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସୂଚନା ଯୋଗ୍ୟ ଯେ, ଦଳିତ ସାହି ରେ ପ୍ରାୟ ଜନସଂଖ୍ୟା ୧୦୦ ଜଣ। ଏତେ ଲୋକଙ୍କ ପାଇଁ ମାତ୍ର ଗୋଟିଏ ପାଣି ଟ୍ୟାପ। ଏହାର ସମାଧାନ ପାଇଁ ସାହି ବାସିନ୍ଦା ନିଜ ଖର୍ଚ୍ଚରେ ଆଉ ୨ଟି ଟ୍ୟାପ୍ ଲଗାଇଥିଲେ। ମାତ୍ର ଗତ ଫେବୃଆରୀ ମାସ ୨୬ ତାରିଖରେ ସରପଞ୍ଚ ଭରତ ସାହୁ ଜାତିଆଣ ଆକ୍ଷେପ କରି ମହିଳାମାନଙ୍କୁ ଗାଳିଗୁଲଜ କରି ଟ୍ୟାପ ଭାଙ୍ଗି ଦେଇଥିବା ନେଇ ଠାକୁରଗଡ଼ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ୍ ଏକ କେଶ୍ ରୁଜୁ କରି ୪୧ରେ ସରପଞ୍ଚଙ୍କୁ ଥାନାରୁ ଛାଡ଼ି ଦେଇଥିଲା। ଏହାର ପ୍ରତିବାଦରେ ମଙ୍ଗଳବାର ରାଜପଥ ଅବରୋଧ କରିଥିଲେ। ଖବର ପାଇ ଆଠମଲ୍ଲିକ ଏସ୍‌ଡିପିଓ ଠାକୁରଗଡ଼ ଥାନା ପୋଲିସ୍ ଇନ୍ସପେକ୍ଟର ଶଶୀ ଭୂଷଣ ବେହେରା ଓ ଆର୍ ଦବ୍‌ଲୁ ଏସଏସ ସହକାରୀ ଯନ୍ତ୍ରୀ ଉମାକାନ୍ତ ବେହେରା ପହଂଚି ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରି ବୁଧବାର ସୁଦ୍ଧା ଜଳଯୋଗାଣ ସ୍ୱାଭାବିକ କରିବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା।

# ପ୍ରଧାନଶିକ୍ଷକଙ୍କୁ ଚାକିରିରୁ ବହିଷ୍କାର ସହ ସହଯୋଗୀ ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଦାବି



ଯାଜପୁର, (ଡିକେ ନ୍ୟୁଜ୍): ରସିକିଆ ପ୍ରଧାନଶିକ୍ଷକ ଦେବେନ୍ଦ୍ର ସାହୁଙ୍କ ପାଇଁ ସୁଜନପୁରରେ ଦିନକୁ ଦିନ ବଢୁଛି ଅସନ୍ତୋଷ, ଯାହାକି ମଙ୍ଗଳବାର ସକାଳେ ହସନପୁର ବାଳିକା ବିଦ୍ୟାଳୟରେ ସ୍ଥାନୀୟ ମହିଳା ଓ ଗ୍ରାମବାସୀମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣାରେ ବସି ଘଟଣାର ମୁଖ୍ୟ ଅଭିଯୁକ୍ତ ଦେବେନ୍ଦ୍ର ସାହୁଙ୍କୁ ଚାକିରୀରୁ ବହିଷ୍କାର ଓ ସହଯୋଗୀ ଶିକ୍ଷକମାନଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଇବାକୁ ଦାବି ରଖିଥିଲେ। ସୂଚନା ଅନୁଯାୟୀ କାଣ୍ଡ ଭିଆଇଥିବା ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ସାହୁ ଏହି ବିଦ୍ୟାଳୟର ଜନୈକ ଛାତ୍ରୀଙ୍କୁ ଅସଦାଚରଣ କରି ବର୍ତ୍ତମାନ ଜେଲରେ, ବ୍ଲକ ଶିକ୍ଷା ବିଭାଗ ମଧ୍ୟ ତାଙ୍କୁ ଚାକିରୀରୁ ନିଲମ୍ବନ କରାଯାଇଅଛି। ହେଲେ ପିଲାମାନଙ୍କ ଭବିଷ୍ୟତ ଓ ସୁରକ୍ଷା ପାଇଁ ଗ୍ରାମବାସୀରେ ବର୍ତ୍ତମାନ ଚିନ୍ତାରେ। ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରୁ ପ୍ରତିଶ୍ରୁତି ପାଇବା ପରେ ଅନଶନ ଭଙ୍ଗ କରିଥିଲେ ଅନାଶନକାରୀମାନେ। ଆଗାମୀ ଦିନରେ ଏ ଦିଗରେ ପଦକ୍ଷେପ ନନେଲେ ପୁଣି ଧର୍ମଘଟ କରିବେ ବୋଲି ଗ୍ରାମବାସୀ ଶିକ୍ଷା ବିଭାଗକୁ ଚେତାବନୀ ଦେଇଛନ୍ତି।

# ଆନ୍ତର୍ଜାତିକ ସମବାୟ ବର୍ଷ ଉପଲକ୍ଷେ ଆଲୋଚନା ଚକ୍ର

ଖୋର୍ଦ୍ଧା, (ଡିକେ ନ୍ୟୁଜ୍): ଓଡିଶା ସରକାରଙ୍କ ସମବାୟ ବିଭାଗ ତରଫରୁ ମଧୁବାବୁଙ୍କ ଜନ୍ମ ଜୟନ୍ତୀକୁ ପ୍ରତି ଜିଲ୍ଲାରେ ପାଳନ କରିବାକୁ ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ଏହିପରିପ୍ରେକ୍ଷୀରେ ଉପନିବନ୍ଧକ ସମବାୟ ସମିତି ସମୂହ ଖୋର୍ଦ୍ଧା ବିଭାଜନ ଅଳକାନନ୍ଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ସ୍ୱୟଂ ପ୍ରଭା ପଟ୍ଟନାୟକ, ଅବସରପ୍ରାପ୍ତ ଅଧ୍ୟାପକ ଗୋପାଳକୃଷ୍ଣ ଦାସ, ଭୀମସେନ ପ୍ରଧାନ, ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ସାରଥୀ ଶତପଥି ପ୍ରମୁଖ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନ ଆଦର୍ଶ ତଥା ଓଡିଶା ସମବାୟ ଆନ୍ଦୋଳନରେ ତାଙ୍କର ଅବଦାନ ସମ୍ପର୍କରେ ବକ୍ତାମାନେ ନିଜ ନିଜର ଅଭିଭାଷଣ ରଖିଥିଲେ। ଖୋର୍ଦ୍ଧା ସମବାୟ ବ୍ୟାଙ୍କ ପରିସର ଅନ୍ତର୍ଭୁକ୍ତ




୨୧ଜଣ ଋଣଗ୍ରହୀତା, ସ୍ୱୟଂସହାୟକ ଗୋଷ୍ଠୀକୁ କୃଷି ଓ କୃଷି ଭିତ୍ତିକ ଋଣ ପ୍ରଦାନ କରାଯାଇଥିଲା। ଏହି ଋଣ ମେଳାରେ ସମସ୍ତ ଶାଖା ଓ ସମିତିର କର୍ମଚାରୀ ତଥା ବିଭିନ୍ନ ଋଣଗ୍ରହୀତାମାନେ ଉପସ୍ଥିତ ଥିଲେ। ଏହି ଶିବିରକୁ ବ୍ୟାଙ୍କର ସହପ୍ରବନ୍ଧକ ସନ୍ଦୀପ ପଟ୍ଟନାୟକ, ଜ୍ୟୋତିରଞ୍ଜନ ରାଉତରାୟ, ଭବାନୀ ମୋହନ ସିହ୍ନା, ତପନ କୁମାର ଚୌଧୁରୀ, ରଶ୍ମିତା ମଲ୍ଲିକ, ପ୍ରଭୁ ପ୍ରସାଦ ପଟ୍ଟନାୟକ ଓ ସମିତିର ବରିଷ୍ଠ ସମ୍ପାଦକ ଝଜ ସାମନ୍ତରାୟ, ବିଶ୍ୱନାଥ ମହାରଣା, ନିତ୍ୟାନନ୍ଦ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବ୍ୟାଙ୍କର ସହ-ପ୍ରବନ୍ଧକ ସନ୍ଦୀପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅବକାରୀ ବିଭାଗ ଦ୍ୱାରା ମଦ ଜବତ

ନବରଙ୍ଗପୁର, (ଡିକେ ନ୍ୟୁଜ୍): ନବରଙ୍ଗପୁର ଆରକ୍ଷୀ ଅଧିକ୍ଷକ ମିହିର କୁମାର ପଣ୍ଡା ତଥା ଅବକାରୀ ଅଧିକ୍ଷକ ପ୍ରତାପ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ, ଅବକାରୀ ନିରୀକ୍ଷକ ଦିଲ୍ଲୀପ କୁମାର ରଥଙ୍କ ନେତୃତ୍ୱରେ ବିଭାଗୀୟ କର୍ମଚାରୀମାନଙ୍କ ସହ ପାପଡାହାଣ୍ଡି ଅବକାରୀ ଥାନା ଅଧିକାରୀ ବିଙ୍ଗରାଜ ଦାମୀ ତଥା ତାଙ୍କ କର୍ମଚାରୀମାନଙ୍କ ସହ ତଥା ପାପଡାହାଣ୍ଡି ଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଉମାକାନ୍ତ ଶବର ଓ ତାଙ୍କ କର୍ମଚାରୀମାନଙ୍କ ସହ ପାପଡାହାଣ୍ଡି ଥାନା ଅନ୍ତର୍ଗତ ବାରିଗୁଡା ଗ୍ରାମ ର ନାଳକୁ ତାଲାସୀ କରିବାରୁ ୨୯୫୦ ଲିଟର ପୋଚ ଓ ୪୫୦ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରି ଘଟଣା ସ୍ଥଳରେ ପୋଚ, ମଦ, ଡ୍ରମ, ପ୍ଲାଷ୍ଟିକ ଜାରିକେନ ସହ ମୋଟର ଟ୍ୟୁବ ଘଟଣା ସ୍ଥଳରେ ନଷ୍ଟ କରାଗଲା। ବାରିଗୁଡା ଗ୍ରାମରୁ ନୂଆଗୁଡା ଗ୍ରାମ ରାସ୍ତାରେ ବାରିଗୁଡାର ଜଣେ ଆସାମୀ ଯୋଗେନ୍ଦ୍ର ଜାନି, ନିକଟରୁ ୧୮ ଲିଟର ଚୋରା ଦେଶୀ ହାତ ରନ୍ଧା ମଦ ଜବତ କରାଗଲା, ଆସାମୀଙ୍କୁ ଅଦାଲତ ରେ ହାଜର କରାଗଲା। ଏହି ଚଢ଼ାଉରେ ରେଶମା ସୁନା, ସୁଧାଂଶୁ ଶେଖର ବାଗ, ଆକ୍ରମ ଖାନ, କାଳିମଣି ମୁଦୁଲି ଓ ପ୍ରସାଦ ବଳ ବନ୍ତରଏ ସହ ଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ଅଭିଯାନ କାର୍ଯ୍ୟକ୍ରମ ଶୁଭାରମ୍ଭ

ଯାଜପୁର, (ଡିକେ ନ୍ୟୁଜ୍): ଅକ୍ଷୟ ତୃତୀୟା ଅବସରରେ ବାଲ୍ୟବିବାହ ନିଷେଧ ପାଇଁ ଯାଜପୁର ଜିଲ୍ଲାରେ ଜିଲ୍ଲାସ୍ତରୀୟ ବାଲ୍ୟ ବିବାହ ମୁକ୍ତ ଓଡ଼ିଶା ସପ୍ତାହ ବ୍ୟାପୀ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଯାଜପୁର ବ୍ଲକ ମିଶନଶକ୍ତି ଭବନ ଠାରେ ଶୁଭାରମ୍ଭ ହୋଇଯାଇଛି। ଉକ୍ତ ସଭାରେ ସମାଜ କଲ୍ୟାଣ ବିଭାଗ, ଯାଜପୁରର ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ପାର୍ବତୀ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ୍ ଶିକ୍ଷା ଅଧିକାରୀ ଦେବଲାଲ ମଲ୍ଲିକ ଯୋଗ ଦେଇଥିଲେ। ଉକ୍ତ ସଭାରେ ବାଲ୍ୟ ବିବାହ ନିଷେଧ ପାଇଁ ଆଲୋଚନା କରାଯାଇଥିଲା। ଏହି ସଭାରେ ୪୦ରୁ ଉର୍ଦ୍ଧ୍ୱ କିଶୋରୀ ବାଳିକା ଉପସ୍ଥିତ ଥିଲେ। ଉକ୍ତ ସଭା ପରେ ସଚେତନ ପଦଯାତ୍ରା ହୋଇଥିଲା। ଉକ୍ତ ସଭାକୁ ଯାଜପୁର ସଦର ସିଡିପିଓ ବଜମ ଆରା ବେଗମ୍ ଆୟୋଜନ କରିଥିଲେ। ଏହା ସହିତ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ସରୋଜିନୀ ଦାସ ଓ ଜିଲ୍ଲା ସୁରକ୍ଷା ଅଧିକାରୀ ସୁନନ୍ଦା ଦାସ, ଜିଲ୍ଲା ସଂଯୋଜକ ପ୍ରଭାତ କୁମାର ଘଡ଼େଇ ଏବଂ ଓଏସସିର ବିଭିନ୍ନ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ପାକିସ୍ତାନ ମହିଳାଙ୍କୁ ପୋଲିସ ପକ୍ଷରୁ ନୋଟିସ୍



ବ୍ରହ୍ମପୁର, (ଡିକେ ନ୍ୟୁଜ୍): ବ୍ରହ୍ମପୁରରେ ରହୁଥିବା ପାକିସ୍ତାନ ମହିଳାଙ୍କୁ ପୋଲିସ ପକ୍ଷରୁ ନୋଟିସ୍। ଟାଉନ ଥାନା ମିଲିଟାରୀ ଲାଇନ ସ୍ଥିତ ରହୁଥିବା ପାକିସ୍ତାନ ମହିଳାଙ୍କୁ ନୋଟିସ୍। ପାକିସ୍ତାନ ମହିଳା ଜଣକ ହେଲେ ମିଲିଟାରୀ ଲାଇନ ବଡ ମସଜିଦ ସାହିର ରାହିମା ଆରା। ରାହିମା ଦୀର୍ଘ ୨୫ ବର୍ଷ ହେଲା ଓଡ଼ିଶାରେ ରହି ଆସୁଛନ୍ତି। କିଛି ବର୍ଷ ପୂର୍ବରୁ ରାହିମାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇସାରିଛି। ରାହିମାଙ୍କ ତିନି ଝିଅ ଥିବା ବେଳେ ସେ ନିଜର ଟାଟା ନଗରରେ ଥିବା ଝିଅ ଜ୍ୱାଇଁ ପାଖରେ ରହୁଛନ୍ତି। ବ୍ରହ୍ମପୁରରେ ରହୁଥିବା ତାଙ୍କ ପରିବାର ଲୋକଙ୍କୁ ନୋଟିସ୍ ଜାରି କରିଛି ପୋଲିସ। ରାହିମା ପାକିସ୍ତାନୀ ଥିବା ବେଳେ ତାଙ୍କ ସ୍ୱାମୀ ଭାରତୀୟ ଥିଲେ। ବିବାହ ପରେ ରାହିମା ନିଜ ସ୍ୱାମୀଙ୍କ ସହ ଭାରତ ଆସିଥିଲେ। ଭାରତରେ ଅବସ୍ଥାନ କରିବାକୁ ତାଙ୍କ ନିକଟରେ ଥିବା ଭିସା ଓ ଏହାର ଅବଧି ସମ୍ବନ୍ଧରେ ପୋଲିସ ଯାଞ୍ଚ କରୁଛି। ବ୍ରହ୍ମପୁରରେ ଦୀର୍ଘ ୪୫ ବର୍ଷ ଧରି ରହୁଥିଲେ ପାକିସ୍ତାନର ରାହୁଲପିଣ୍ଡିରୁ ଆସିଥିବା ମହିଳା। ୧୯୮୦ ମସିହାରୁ ରାହୁଲପିଣ୍ଡିରୁ ଆସି ବ୍ରହ୍ମପୁରରେ ରହି ଆସୁଛନ୍ତି। ଏନେଇ ପୋଲିସ ଜାଣିବା ପରେ ସମ୍ପୃକ୍ତ ମହିଳାଙ୍କୁ ନୋଟିସ୍ ଜାରି କରାଯାଇଛି। ମହିଳାଙ୍କ ତିନୋଟି ଝିଅ ଥିବାବେଳେ ଦୁଇ ବିବାହିତା ରହିଛନ୍ତି। ମହିଳା ଜଣକ ନିଜ ବଡ଼ ଝିଅ ଜାମସେଦପୁରରେ ରହୁଛନ୍ତି। ଜାମସେଦପୁରର ଏସପିଙ୍କୁ ମଧ୍ୟ ଏନେଇ ଜଣାଇ ଦିଆଯାଇଛି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଓ ଆଇନ ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି ଡ଼ା ସ୍ରବଣା ବିବେକ ଏମ। ସେପଟେ ସରକାର ଆମ ମା'ଙ୍କୁ ଦୟା କରନ୍ତୁ ବୋଲି ଝିଅ ଅନୁରୋଧ କରିଛି।

# ମହାରାଜ ବିରମିତ୍ରୋଦୟ ସିଂହ ଦେବଙ୍କ ଶ୍ରାଦ୍ଧଦିବସ ପାଳିତ

ସୁବର୍ଣ୍ଣପୁର, (ଡିକେ ନ୍ୟୁଜ୍): ଓଡିଆ ଭାଷା ଭିତ୍ତିକ ଓଡ଼ିଶା ରାଜ୍ୟ ଗଠନରେ ସୋନପୁର ମହାରାଜା ବୀରମିତ୍ରୋଦୟ ସିଂହଦେବଙ୍କ ଅବଦାନକୁ ଅସ୍ୱୀକାର କରାଯାଇ ନପାରେ। ସେହି ସମୟରେ ସବୁ କ୍ଷେତ୍ରରେ ସାମଗ୍ରିକ ବିକାଶ ପାଇଁ ମହାରାଜା ପୂର୍ଣ୍ଣ ସହଯୋଗ ଯୋଗାଇ ଦେଇଥିବା କଥା ଇତିହାସ ପୃଷ୍ଠାରୁ ଜଣାଯାଏ। ଆମ ଜିଲ୍ଲା ତଥା ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ମଧ୍ୟ ତାଙ୍କର ଅବଦାନ ଚିର ସ୍ମରଣୀୟ। ମଙ୍ଗଳବାର ତାଙ୍କ ୮୮ତମ ଶ୍ରାଦ୍ଧ ଦିବସରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛକରେ ଥିବା ସେହି ମହା ମନୀଷୀଙ୍କ ପ୍ରତିମୂର୍ତ୍ତିରେ ଧୂପ ଦୀପ ଓ ପୁଷ୍ପମାଲ୍ୟ ପ୍ରଦାନ ପୂର୍ବକ ସାମୁହିକ ଶ୍ରଦ୍ଧା ସୁମନ ଅର୍ପଣ ସହ ସ୍ମୃତି ଚାରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ଅତିରିକ୍ତ ଜିଲ୍ଲାପାଳ ସୁବର୍ଣ୍ଣପୁର ଅଞ୍ଜଳିନା ପଧାନ ଓ ପୌର ପରିଷଦ ନିର୍ବାହୀ ଅଧିକାରୀ ଋଷି ମାଝୀଙ୍କ ସହ ଜିଲ୍ଲାର ବୁଦ୍ଧିଜୀବୀ, ନାଗରିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ। ସୁବର୍ଣ୍ଣପୁର ଜିଲ୍ଲା ସଚେତନ ନାଗରିକ ମଞ୍ଚ, ମଝିପଡ଼ା ରମଧୂନ୍ କ୍ଲବ ଓ ସ୍ୱଚ୍ଛ ଭାରତ ସଂଗଠନ ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ସଂଗଠକ ମନୋରଞ୍ଜନ ତ୍ରିପାଠୀ, ପୀୟୁଷ ପଣ୍ଡା ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ଅବସରରେ ଶ୍ରୀ ଗୋପାଳଜୀ ଯୋଗାଳୟର ସଭାପତି ହରି ନାରାୟଣ ଶତପଥି, ଆଇନ୍ ଜୀବି ପ୍ରଦୀପ ପୁରୋହିତ, ସଚେତନ ନାଗରିକ ମଞ୍ଚର ସଭାପତି ସୀତାଂଶୁ ଶେଖର ମିଶ୍ର, ସ୍ୱଚ୍ଛ ଭାରତ ସଙ୍ଗଠନର ବରିଷ୍ଠ ସଦସ୍ୟ ଇନ୍ଦୁମତି ପୁରୋହିତ, ପ୍ରମୋଦ କୁମାର ସାହୁ, ସାମ୍ବାଦିକ ରଞ୍ଜନ ବାରିକ, ସୁଶାନ୍ତ ପଣ୍ଡା, ରାମ ଧୁନ କ୍ଲବର ସଂପାଦକ ବିକାଶ ପଣ୍ଡା, ହୃଷୀକେଶ୍ ପଣ୍ଡା, ରାଜ କୁମାର ନାଏକ, ଚନ୍ଦନ ସାହୁ, ଚୈତନ୍ୟ ନାଏକ, ସୁନିଲ ନାଏକ ପ୍ରମୁଖ ଯୋଗ ଦେଇ ମହାରାଜ ସିଂହ ଦେଙ୍କୁ ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ।

# ସ୍ନାତକ ପରୀକ୍ଷାରେ ପାରଳା ମହିଳା କଲେଜର ବିଦ୍ୟାର୍ଥୀଙ୍କ ସଫଳତା

ପାରଳାଖେମୁଣ୍ଡି, (ଡିକେ ନ୍ୟୁଜ୍): ପାରଳାଖେମୁଣ୍ଡି ମହିଳା ମହାବିଦ୍ୟାଳୟର ୨ଜଣ ଛାତ୍ରୀ ସ୍ନାତକ ପରୀକ୍ଷାରେ ବିଶ୍ୱ ବିଦ୍ୟାଳୟସ୍ତରୀୟ ସଫଳତା ପାଇଛନ୍ତି। ଏଥିନେଇ ମହାବିଦ୍ୟାଳୟ ତରଫରୁ ଉଭୟଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି। ଘଟଣାରୁ ପ୍ରକାଶ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସ୍ନାତକ ୨୦୨୪-୨୫ ଶିକ୍ଷାବର୍ଷର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ପାରଳାଖେମୁଣ୍ଡି ମହିଳା ସ୍ନାତକ ମହାବିଦ୍ୟାଳୟ ଗୃହବିଜ୍ଞାନ ବିଭାଗର ଦୁଇଜଣ ଛାତ୍ରୀ ସୋନାଲି କାର୍ଜୀ ଚତୁର୍ଥ ସ୍ଥାନ ପାଇଥିବା ବେଳେ ସୁନିତା ପ୍ରଧାନ ଶ୍ରେଷ୍ଠ ଦଶମ ତାଲିକାରେ ସ୍ଥାନ ପାଇ ମହାବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ମହାବିଦ୍ୟାଳୟର ଅଧକ୍ଷା ଡ଼.ରାନା ସାହୁ ଜଳୟଙ୍କୁ ସମ୍ବର୍ଦ୍ଧନା କରି ପ୍ରଶଂସା କରିବା ସହ ସେମାନଙ୍କ ଉଜ୍ୱଳ ଗନ୍ଦିଷ୍ୟତ କାମନା କରିଛନ୍ତି। ଗୃହବିଜ୍ଞାନର ଅଧ୍ୟାପିକା ମଧୁସ୍ମିତା ପ୍ରଧାନ ଛାତ୍ରୀଙ୍କ ସଫଳତାରେ ଆନନ୍ଦିତ ହୋଇ ସେମାନଙ୍କ ପରିଶ୍ରମର ଫଳ ଯୋଗୁଁ ସଫଳତା ପାଇଛନ୍ତି ବୋଲି କହିଛନ୍ତି। ଏଥିସହ ମହାବିଦ୍ୟାଳୟରେ ସମସ୍ତ ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରୀ ଏମାନଙ୍କର ସଫଳତାକୁ ନେଇ ଶୁଭେଚ୍ଛା ଜଣାଇଛନ୍ତି।

# ଜିମି ଧାରିଣୀ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ୫୦୦୦ ଭକ୍ତ ସାମିଲ୍



ଉମରକୋଟ, (ଡିକେ ନ୍ୟୁଜ୍): ଉମରକୋଟ ବ୍ଲକର ବେହେଡା ପଞ୍ଚାୟତରେ ଜିମି ଧାରିଣୀ ଠାକୁରାଣୀ ମନ୍ଦିର ମଙ୍ଗଳବାର ପ୍ରତିଷ୍ଠା ସୁଭକାର୍ଯ୍ୟ ଆରମ୍ଭ ହୋଇ ଯାଇଛି। ନିକଟସ୍ଥ ନଦୀରୁ ଗ୍ରାମର ଶତାଧିକ ମହିଳା କଳସରେ ପାଣି ଆଣି ନବନିର୍ମିତ ମନ୍ଦିର ପହଞ୍ଚି ଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଭକ୍ତମାନେ ଯୋଗ ଦେଇ ଥିଲେ। ପ୍ରତିଷ୍ଠା ଉତ୍ସବ ୩ଦିନ ଧରି ଚାଲିବ। ଆସନ୍ତା ଅକ୍ଷୟ ତୃତୀୟାରେ ଜୀମି ଧରଣୀ ମା'ଙ୍କ ମୂର୍ତ୍ତି ହମ ଯଜ୍ଞ କରି ମନ୍ଦିରରେ ସ୍ଥାପନ କରାଯିବ ବୋଲି ବୀର କହିଛନ୍ତି। ଏହି ପ୍ରତିଷ୍ଠା ଉତ୍ସବରେ ମନ୍ଦିର କମିଟିର ସଭାପତି ବୀର୍ ନାଥ ଭତରା, ସମ୍ପାଦକ ସୁକୁନାଥ ଗୋଣ୍ଡ, ସରପଞ୍ଚ ପ୍ରମିଳା ଗଣ୍ଡ, ସମିତି ଜୟମଣି ଗଣ୍ଡ, ବୃନ୍ଦା ପୂଜାରୀ, ଲଚ ପୂଜାରୀ, ଯୁଗ ସାଇ ଭତରା, ରତି ରାମ ଗଣ୍ଡ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଭୂମିକା ତୁଲାଇଛନ୍ତି।

# ଟୋଲପ୍ଲାଜା ନିକଟରେ ଟୋଲପ୍ଲାଜା ନିର୍ମାଣ ଯୋଜନା: ତେଜିଲା ଅସନ୍ତୋଷ, ଆନ୍ଦୋଳନ ଧମକ

ସମ୍ବଲପୁର, (ଡିକେ ନ୍ୟୁଜ): ଟୋଲପ୍ଲାଜା ନିକଟରେ ଟୋଲପ୍ଲାଜା ନିର୍ମାଣ ଯୋଜନା ଚାଲିଛି। ଏହାକୁ ନେଇ ତେଜିଛି ଅସନ୍ତୋଷ। ଟୋଲପ୍ଲାଜା ଓ ଜନ ସାଧାରଣଙ୍କ ମଧ୍ୟରେ କଥା କଟାକଟି, ପରେ ଥାନାକୁ କଥା ଯାଇ ଟୋଲପ୍ଲାଜା ପାଖରେ ଆଉ ଏକ ଟୋଲପ୍ଲାଜା ନିର୍ମାଣକୁ ଆଧାର କରି ଚାପା ଉତ୍ତେଜନା ଦେଖାଦେଇ ଏବେ ଆନ୍ଦୋଳନ ଧମକ ଦେଲେନି ସ୍ଥାନୀୟ ଅଞ୍ଚଳ ଓ ଜିଲ୍ଲାବାସୀୟ ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାସ୍ଥିତ ଟୋଲପ୍ଲାଜା ନିକଟରେ ରହିଥିବା ବାଇପାସ୍ ଆର୍ଡି ରାସ୍ତାରେ ପୁଣି ଏକ ଟୋଲପ୍ଲାଜା ନିର୍ମାଣ ଯୋଜନା ଚାଲିଛି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜି ଉଠିଛି। ଏହି କ୍ରମରେ ସୋମବାର ପୂର୍ବାହ୍ନ ୧୧ଟାରେ ଅଞ୍ଚଳର ଲୋକେ ଟୋଲପ୍ଲାଜା ନିର୍ମାଣସ୍ଥଳୀକୁ ପହଞ୍ଚି ବିରୋଧ କରିଥିଲେ। ଏହାପରେ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଥିଲା। ଟୋଲପ୍ଲାଜା କର୍ତ୍ତୃପକ୍ଷ ଏବଂ ଅଞ୍ଚଳବାସୀ ସ୍ଥାନୀୟ ଗ୍ରାମାଞ୍ଚଳ ଥାନାକୁ ପହଞ୍ଚିଥିଲେ। ସେଠାରେ ଆଲୋଚନା ବିଫଳ ହୋଇଥିଲା। ଅନ୍ୟପଟେ ସେହି ରାସ୍ତାରେ ଟୋଲପ୍ଲାଜା ନିର୍ମାଣ ଅଧାରୁ ଅଟକି ରହିଥିବାବେଳେ ଏହାକୁ ନେଇ ଚାପା ଉତ୍ତେଜନା ଲାଗି ରହିଛି। ସେହିପରି ଏଭଳି ନିର୍ମାଣ କାର୍ଯ୍ୟକୁ ଦୃଢ଼ ବିରୋଧ କରିବା ପାଇଁ ସ୍ଥାନୀୟ ବିଭିନ୍ନ ସଙ୍ଗଠନ ସମେତ ଅଞ୍ଚଳବାସୀ ସଙ୍ଗଠିତ ହେଉଥିବା ଲକ୍ଷ କରାଗଲାଣି। ଏପରିକି ବରଗଡ଼ ଜିଲ୍ଲା ସହ ସମ୍ବଲପୁର ଲୋକେ ମଧ୍ୟ ଏଥିରେ ସାମିଲ ହୋଇ ଆନ୍ଦୋଳନକୁ ଜୋରଦାର କରିବେ ବୋଲି ଚେତାବନୀ ଦେଲେଣି। ସୂଚନା ଯୋଗ୍ୟ ଯେ, ୬ନମ୍ବର ଜାତୀୟ ରାଜପଥର ବରଗଡ଼ ଜିଲା ସୋହେଲା ଥାନା ଲୁହୁରାଚଟିଠାରୁ ସମ୍ବଲପୁର ଜିଲ୍ଲା ଅଇଁଠାପାଲି ପର୍ଯ୍ୟନ୍ତ ୮୮ କି.ମି ଦୀର୍ଘ ରାସ୍ତା ଫୋରଲେନ୍ ହୋଇଛି। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା (ଏନ୍‌ଏଚ୍‌ଏଆଇ) ଅଧିନରେ ରାସ୍ତା ନିର୍ମାଣକାରୀ କମ୍ପାନୀ ଅଶୋକା ବିଲ୍ଡକନ୍ ଏହି ରାସ୍ତା ନିର୍ମାଣ କରିଛି। ବରଗଡ଼ ସହର ଉପକଣ୍ଠ ବରାହଗୋଡ଼ାଠାରେ ଜାତୀୟ ରାଜପଥ ଉପରେ ଟୋଲପ୍ଲାଜା ସ୍ଥାପନ କରି ଉକ୍ତ ସଂସ୍ଥା ଯାନବାହନ ଗୁଡ଼ିକରୁ ଟୋଲଟ୍ୟାକ୍ସ ଆଦାୟ କରୁଛି। ଉକ୍ତ ଟୋଲପ୍ଲାଜା ନିକଟରେ ଜାତୀୟ ରାଜପଥରୁ ବରାହଗୋଡ଼ା, ଆମ୍ବସଢ଼ା, ତୋରା ପକ୍ଷରୁ ଗ୍ରାମ୍ୟ ଉନ୍ନୟନ ବିଭାଗ (ଆରଡ଼ି)ର ଏକ ବାଇପାସ୍ ରାସ୍ତା ଯାଇଛି। ଉକ୍ତ ବାଇପାସ୍ ରାସ୍ତାରେ ଯାତାୟାତ ଯାନବାହନ ଗୁଡ଼ିକରୁ ଟୋଲପ୍ଲାଜା କର୍ତ୍ତୃପକ୍ଷଙ୍କ ଟୋଲଟ୍ୟାକ୍ସ ଅସୁଲିକୁ ବିଗତ ଦିନରେ ବିରୋଧ କରାଯାଇଥିଲା। ଏପରିକି ଏନ୍‌ଏଚ୍‌ଏଆଇ, ଅଞ୍ଚଳବାସୀ ଏବଂ ପ୍ରଶାସନ ମଧ୍ୟରେ ଅନୁଷ୍ଠିତ ତ୍ରିପାକ୍ଷିକ ବୈଠକ ପରେ ଗତବର୍ଷ ଏହି ରାସ୍ତାରେ ନିର୍ମିତ ଅନ୍ୟଏକ ଟୋଲପ୍ଲାଜାକୁ ଭାଙ୍ଗି ଦିଆଯାଇଥିଲା। ତେବେ ସେହି ଘଟଣାକୁ ବର୍ଷେ ନ ପୂରୁଣୁ ପୁଣି ସେଠାରେ ଆଉଏକ ଟୋଲପ୍ଲାଜା ନିର୍ମାଣକୁ ନେଇ ଅଞ୍ଚଳରେ ଅସନ୍ତୋଷ କୁହୁଳୁଛି। ଏଥିରେ ପ୍ରଶାସନ ହସ୍ତକ୍ଷେପ ନ କଲେ ଏହାକୁ କେନ୍ଦ୍ର କରି ଆଗାମୀ ଦିନରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବା ସହିତ ଏକ ବଡ଼ ଆନ୍ଦୋଳନ ମୁଣ୍ଡ ଟେକିବା ଆଶଙ୍କା ଦୃଢ଼ିଭୂତ ହୋଇଛି। ତୋରା ଗ୍ରାମର ଅନନ୍ତ ତାଣ୍ଡି କହିଛନ୍ତି ଯେ, ଗ୍ରାମ୍ୟ ଉନ୍ନୟନ (ଆରଡି) ରାସ୍ତା ଉପରେ ଟୋଲପ୍ଲାଜା ବସାଇବା ନେଇ ଅଶୋକା ବିଲ୍ଡକନର କୌଣସି ଅଧିକାର ନାହିଁ। ଯଦି ସେଠାରେ ଟୋଲପ୍ଲାଜା ନିର୍ମାଣ କରାଯାଏ, ତାକୁ ଆଦୌ ବରଦାସ୍ତ କରାଯିବ ନାହିଁ ଏବଂ ସମସ୍ତ ଆଖପାଖ ଅଞ୍ଚଳବାସୀ ଏକତ୍ରିତ ହୋଇ ତୀବ୍ର ବିରୋଧ କରିବେ ବୋଲି ସେ ଚେତାବନୀ ଦେଇଛନ୍ତି। ପ୍ରକାଶଥାଉକି, ଏହି ରାସ୍ତାରେ ଟୋଲଟ୍ୟାକ୍ସ ଅସୁଲିକୁ ନେଇ ପୂର୍ବରୁ କିଛି ଲୋକ ଖାଉଟୀ ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ତାର ବିଚାର କରି ଖାଉଟୀ ଅଦାଲତ ଆବେଦନକାରୀଙ୍କ ସପକ୍ଷରେ ରାୟ ଦେଇ ଟୋଲ ଆଦାୟକାରୀ ଉପରେ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଏଭଳି ଘଟଣାକୁ ଏଡାଇ ଦେଇ ପୁଣି କମ୍ପାନୀ ଯେଉଁ ଭଳି ମନ ମର୍ଜୀ କରି ଜନ ଅସନ୍ତୋଷକୁ ଉସ୍କାଇ ନିଜର ସ୍ୱାର୍ଥ ସାଧନ କରିବାକୁ ଚାହୁଁଛି ତାକୁ ଅଞ୍ଚଳବାସୀ କରାଇଦେବେ ନାହିଁ ବୋଲି ରୋକଠୋକ ଚେତନନୀ ଶୁଣାଇଛନ୍ତି।

## କାମରେ ଆସୁନି ଲକ୍ଷ ଲକ୍ଷ ଟଙ୍କାର ଜେନେରେଟର



ଖଡ଼ିଆଳ, (ଡିକେ ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଉପ ଡ଼ାକଘର କାର୍ଯ୍ୟାଳୟରେ ଦୀର୍ଘ ୧୦-୧୨ ବର୍ଷରୁ ଏକ ଜେନେରେଟର କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାପିତ ହୋଇଛି। ବିଦ୍ୟୁତ କାଟ କିମ୍ବା ବିଦ୍ୟୁତ ନ ଥିବା ସମୟରେ ଜେନେରେଟର ବ୍ୟବହାର କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ କରି ଜେନେରେଟର କ୍ରୟ କରି କାର୍ଯ୍ୟାଳୟ ସମ୍ମୁଖରେ ସ୍ଥାପନ କରାଯାଇଛି। ବିଭିନ୍ନ ସମୟରେ ବିଦ୍ୟୁତ କାଟ ଯୋଗୁଁ ଉପ ଡ଼ାକ ଘର ଗ୍ରାହକଙ୍କ ଅର୍ଥ ଲେଣଦେଣ, ବିଭିନ୍ନ କାଗଜ ପତ୍ର ଡ଼ାକ ଯୋଗେ ପ୍ରେରଣ ଓ ଅନ୍ୟାନ୍ୟ ବିଭିନ୍ନ କାର୍ଯ୍ୟ ତଥା ସରକାରୀ କାର୍ଯ୍ୟ କରିବାରେ ନା ନା ଅସୁବିଧା ହେଉଥିବାରୁ ବିଦ୍ୟୁତ କାଟ ସମୟରେ ଜେନେରେଟର ବ୍ୟବହାର କରି କାର୍ଯ୍ୟାଳୟର କାର୍ଯ୍ୟ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଜେନେରେଟର କ୍ରୟ କରି ସ୍ଥାପିତ କରାଯାଇଥିଲା ହେଲେ ଏହି ଜେନେରେଟର କେବେ ବ୍ୟବହାର ହେଉ ନ ଥିବା ଦେଖିବାକୁ ମିଳିଛି। ବିଭିନ୍ନ ସମୟରେ ବିଦ୍ୟୁତ ବିଭାଗ ବିଦ୍ୟୁତ ମରାମତି କାର୍ଯ୍ୟ ପାଇଁ ସକାଳରୁ ଦିନ ବାରଟା/ ଦୁଇଟା ପର୍ଯ୍ୟନ୍ତ ଖଡ଼ିଆଳ ସହରରେ ବିଦ୍ୟୁତ କାଟ କରିଥାନ୍ତି ଯାହା ଫଳରେ ଖଡ଼ିଆଳ ସହରରେ ଥିବା ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡିକରେ ବିଭିନ୍ନ କାର୍ଯ୍ୟ ସମ୍ପାଦନ କରିବାରେ ନା ନା ଅସୁବିଧା ହେଉଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଖଡ଼ିଆଳ ଉପ ଡାକଘର କାର୍ଯ୍ୟାଳୟରେ ମଧ୍ୟ ସେହି ସମୟରେ ବିଦ୍ୟୁତ କାଟ ଯୋଗୁଁ କୌଣସି ଗ୍ରାହକଙ୍କ କିମ୍ବା ସରକାରୀ କାର୍ଯ୍ୟ ସମ୍ପାଦନ ହୋଇ ପାରୁ ନ ଥିବାରୁ ଖଡ଼ିଆଳ ବ୍ଲକ ଅନ୍ତର୍ଗତ ୨୬ଟି ଗ୍ରାମ ପଞ୍ଚାୟତର ଲୋକେ ବିଭିନ୍ନ କାର୍ଯ୍ୟରେ ଉପ ଡାକଘର କାର୍ଯ୍ୟାଳୟକୁ ଆସି ଫେରି ଯାଉଛନ୍ତି। ଏପଟେ ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ୪୦/୪୪ ଡିଗ୍ରୀ ପ୍ରବଳ ରୁଦ୍ରତାପରେ ଲୋକେ ଅତିଷ୍ଠ ହେଉଥିବା ବେଳେ ଉପ ଡ଼ାକ ଘର କାର୍ଯ୍ୟାଳୟ ଆସି ହଇରାଣ ହେଉଛନ୍ତି। ବିଦ୍ୟୁତ କାଟ ସମୟରେ ଜେନେରେଟର ବ୍ୟବହାର କରି କାର୍ଯ୍ୟ ସମ୍ପାଦନ କରିବା ଉଦ୍ଦେଶ୍ୟରେ ଜେନେରେଟର ସ୍ଥାପିତ ହୋଇଥିଲେ ମଧ୍ୟ କ'ଣ ପାଇଁ ତାହା ବ୍ୟବହାର କରାଯାଉନାହିଁ ତାହା ତଦନ୍ତ ସାପେକ୍ଷ। ବିଦ୍ୟୁତ କାଟ ଯୋଗୁଁ ଉପ ଡ଼ାକଘର କାର୍ଯ୍ୟାଳୟରେ କର୍ମଚାରୀ ମଧ୍ୟ ନିଜ ନିଜ କାର୍ଯ୍ୟାଳୟରେ ବସୁ ନାହାନ୍ତି କାରଣ ବସିଲେ ମଧ୍ୟ ବିଦ୍ୟୁତ ନ ଥିବାରୁ କୌଣସି କାର୍ଯ୍ୟ ହୋଇ ପାରିବ ନାହିଁ। ଏନେଇ ଖଡ଼ିଆଳ ଉପ ଡ଼ାକଘର କାର୍ଯ୍ୟାଳୟର ପୋଷ୍ଟ ମାଷ୍ଟର ସୁଶାନ୍ତ କୁମାର ବିଶିଙ୍କୁ ପଚାରିବାରୁ ସେ କହିଲେ ଜେନେରେଟରଟି ଦୀର୍ଘ ୧୦-୧୨ ବର୍ଷ ହେବ ସମ୍ପୂର୍ଣ୍ଣ ରୂପେ କାର୍ଯ୍ୟ କରୁ ନାହିଁ ଏନେଇ କଳାହାଣ୍ଡି ସୁପରିଟେଣ୍ଡେଣ୍ଟଙ୍କୁ ଜଣାଇ ଦିଆଯାଇଛି ଏବଂ ସେ ଚାହିଁଲେ ଏହି ଜେନେରେଟରକୁ ମରାମତି କରାଇପାରିବେ କିମ୍ବା ନୂତନ ଜେନେରେଟର ଯୋଗାଇ ଦେଇପାରିବେ ବୋଲି ସୂଚନା ଦେଇଥିଲେ। ଏନେଇ କଳାହାଣ୍ଡି ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ସୁଶାନ୍ତ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ ଅଭିଯୋଗ ହୋଇଛି ଯଥା ଶୀଘ୍ର ମରାମତି କରାଯିବା ସହ ଜେନେରେଟରକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଥିଲେ। ଏହା ବ୍ୟତୀତ ଖଡ଼ିଆଳ ଉପ ଡ଼ାକଘର କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଛୋଟ ହେଉଥିବାରୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ବସି କାର୍ଯ୍ୟ କରିବାରେ ବହୁତ ଅସୁବିଧା ହେଉଥିବାରୁ ନୂତନ ଅନ୍ୟ ଏକ ସ୍ଥାନରେ ଏହି ଉପ ଡ଼ାକଘର କାର୍ଯ୍ୟାଳୟ ସ୍ଥାପନ କରାଯିବାକୁ ଡ଼ାକ ଘରକୁ ଆସୁଥିବା ଗ୍ରାହକମାନେ ଦାବି କରିଛନ୍ତି। ଏନେଇ କଳାହାଣ୍ଡି ପୋଷ୍ଟାଲ ସୁପରିଟେଣ୍ଡେଣ୍ଟ ଶ୍ରୀ ପାଣିଗ୍ରାହୀଙ୍କୁ ପଚାରିବାରୁ ଏନେଇ ଅବଗତ ଅଛି, ନୂତନ ବଡ଼ ଭଲ ଘର ଖୋଜା ଚାଲିଛି ଯଦି ବଡ଼ ଭଲ ଘର ମିଳେ ତାହେଲେ ଯଥାଶୀଘ୍ର ଆନୁସାଙ୍ଗିକ ବ୍ୟବସ୍ଥା କରି ସେଠାରେ ନୂତନ ଉପ ଡ଼ାକ ଘର କାର୍ଯ୍ୟାଳୟର କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଶ୍ରୀ ପାଣିଗ୍ରାହୀ କହିଥିଲେ। ଏଦିଗରେ ଜିଲ୍ଲା ପ୍ରଶାସନ ଗୁରୁତର ସହ ଧ୍ୟାନ ଦେଇ କିପରି ବିଦ୍ୟୁତ କାଟ ସମୟରେ ଜେନେରେଟର ବ୍ୟବହାର କରାଯାଇ କାର୍ଯ୍ୟ ସମ୍ପାଦନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ପ୍ରଶାସନର କାର୍ଯ୍ୟାନୁଷ୍ଠାନକୁ ଟୋଟା ସାହିବାସୀଙ୍କ ନିନ୍ଦା




ବ୍ରହ୍ମପୁର, (ଡିକେ ନ୍ୟୁଜ୍): ଟୋଟା ସାହିରେ ଥିବା ସରକାରୀ ପାଠାଗାର ଓ ସୂଚୋନା କେନ୍ଦ୍ର ଠାରେ ଗଢି ଉଠିଛି ଜଳଖିଆ ଉଠା ଦୋକାନୀଙ୍କ ଆଡ୍ଡା ସ୍ଥଳ। ତିନି ମାସ ହେଲା ରାସ୍ତା କାମ ଚାଲିଥିବାବେଳେ ରାସ୍ତା ଓ ଡ୍ରେନ କାମ କୌଭଳି ହେଉଥିବା ସାହି ବାସିଙ୍କୁ ଭଲ ଭାବେ ଜଣା। ଧୁଳି ଧୂସର ଯୁକ୍ତ ଖାଦ୍ୟ ଖାଇବା ଦେହ ପାଇଁ ଖରାପୟ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଆସି ନିରେଖିବା ପାଇଁ ସାହି ବାସି ବ୍ରହ୍ମପୁର ମହାନଗର ନିଗମକୁ ଅନୁରୋଧ କରୁଛନ୍ତି, ସନ୍ଧ୍ୟା ସମୟରେ ଜଳଖିଆ ହୋଟେଲ ଖୋଲିବା ସମୟରେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କୁ ଆସିବାକୁ ଅନୁରୋଧ। ବିଜିପୁର ସନ୍ତୋସି ମା ସାମନା ରାସ୍ତାଟି ଏକ ମୁଖ୍ୟରାସ୍ତା, ଘୋଷଣି ନୂଆଗାଁ ଏବଂ ଷ୍ଟେସନକୁ ଯିବା ଆସିବା କରିବାପାଇଁ ବହୁତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଜନସାଧାରଣ ଏବଂ ଟୋଟା ସାହି ବାସୀ। ସୂଚନା ଓ ପାଠାଗାର ସମେତ କିଛି କର୍ଯ୍ୟାଳୟ ଅଛି। ଏଠାକୁ ଆସୁଥିବା ଲୋକେ ଗାଡ଼ି ରଖିବା ଅସୁବିଧା ହେଉଥିବା ବେଳେ ପ୍ରଶାସନକୁ ବାରମ୍ବାର ଖବର କାଗଜ ମାଧ୍ୟମରେ ବାହାରିବାର ଜଣା ପଡୁନିକି, କିଛି ଅସାମାଜିକ ବ୍ୟକ୍ତିମାନେ ଏଠାରେ ଆଡ୍ଡା ଜମାଇ ନିଶା ପାନ କରି, ଜଳ ଖିଆ ହୋଟେଲ ଠାରୁ ପ୍ଲେଟ ଧରି ସାହିରେ ଥିବା ଘର ଆଗରେ ଖାଇବା ଫଳରେ, ପିଲାଛୁଆଙ୍କ ଉପୋରେ ତାହାର ପ୍ରଭାବ ପକାଇବ ନିଶ୍ଚିତ। କିଛି ଦିନ ପୁର୍ବରୁ ଅସାମାଜିକ ବ୍ୟକ୍ତି ଆସି ମଦ୍ୟ ପାନ କରି ପ୍ରେସ କାର୍ଯ୍ୟାଳୟରେ ନିଆଁ ମାରି ଦେବାକୁ କହିବା ପରେ ସେଠାରୁ ଚାଲିଯାଇଥିଲା। ଟ୍ରାଫିକ ପୋଲିସ, ଜାଣି ଜାଣି ଚୁପ୍ ରହିବା, କିଛି ଦିନ ତଳେ ଦିନ ଦିପୋହରରେ କିଛି ଅସାମାଜିକ ଲୋକ ପ୍ରେସ ନିକଟରେ ଥିବା ମହିଳା ଜଳଖିଆ ଦୋକାନକୁ ଆସି ଗଣ୍ଡଗୋଳ କରିବା ସହ ଦିନରେ ଆତଙ୍କ ସୃଷ୍ଟି କରିଥିଲେ, ଏହି ବିଷୟ ଘୋଷଣୀ ନୂଆଗାଁ ପୋଲିସକୁ ବି ଜଣାଇ ଦିଆଯାଇଥିଲା। କାମ ଚାଲିଥିବାବେଳେ ମଧ୍ୟ ଜଳଖିଆ ହୋଟେଲ ରାସ୍ତାରୁ ଉଚ୍ଛେଦ ନହେବା, ଟୋଟା ସାହିବାସୀ ରାତି ଦଶଟାରେ ଘରକୁ ଫେରିବା କଷ୍ଟସାଧ୍ୟ ଅନୁଭବ କରୁଛନ୍ତି। ତେଣୁ ଏଠାରୁ ହୋଟେଲ ଦୁଇଟାକୁ ଉଠାଇ ଅନ୍ୟତ୍ର ଥଇଥାନ ପାଇଁ ଟୋଟା ସାହି ବାସି ବ୍ରହ୍ମପୁର ମହାନଗର ନିଗମର ଅଧକ୍ଷ, କମିଶନର, ବିଧାୟକ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ, ଏସପି ବ୍ରହ୍ମପୁରଙ୍କୁ ନିବେଦନ କରିଛନ୍ତି।

## ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ସଂପର୍କିତ ପଲ୍ଲୀସଭା



ଖୋର୍ଦ୍ଧା, (ଡିକେ ନ୍ୟୁଜ୍): ପ୍ରଧାନମନ୍ତ୍ରୀ ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାରେ ଖୋର୍ଦ୍ଧା ବ୍ଲକର ୩ଟି ଗ୍ରାମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ୨୫ଟି ସରକାରୀ ଯୋଜନା ତୁରନ୍ତ କାର୍ଯ୍ୟକାରୀ କରାଯିବ। ଏନେଇ ମଙ୍ଗଳବାର ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ବ୍ରହ୍ମପୁରା ଗ୍ରାମରେ ଏକ ଜରୁରୀ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା, ଗୋଷ୍ଠୀ ଉନ୍ନୟନ ଅଧିକାରୀ କ୍ଷୀରାବ୍ଧୀ ତନୟା ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଯୋଗଦେଇ କେନ୍ଦ୍ର ସରକାରଙ୍କ ଆଦିବାସୀ ଜନଜାତିମାନଙ୍କ ବିକାଶ ପାଇଁ ହୋଇଥିବା ଯୋଜନା ସଂପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ବିଶେଷ କରି ସାମାଜିକ ସୁରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଜୁଳୀ, ସାମାଜିକ ଓ ଆର୍ଥିକ ସ୍ତରରେ ବିକାଶ ଦିଗରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା ସଂପର୍କରେ ଆଲୋକପାତ କରିଥିଲେ। ଧରିତ୍ରୀ ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଯୋଜନାରେ ଦେଶର ୬୩ହଜାର ଗ୍ରାମରେ ପ୍ରାୟ ୮୦ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବା ପାଇଁ ସ୍ଥିର କରାଯାଉଥିବା ବେଳେ, ସରକାରଙ୍କ ୧୭ବିଭାଗ ଏହି କାର୍ଯ୍ୟକ୍ରମର ତଦାରଖ କରିବ। ଆଜିର ଏହି କାର୍ଯ୍ୟକ୍ରମ ବ୍ରହ୍ମପୁରା ଓ ଶିଆଳିଆ ଗ୍ରାମର ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି ଖୋର୍ଦ୍ଧା ବ୍ଲକ ଅଧକ୍ଷ, ଉପାଧ୍ୟକ୍ଷ, ସ୍ଥାନୀୟ ସରପଂଚ, ସମିତି ସଭ୍ୟ ଓ ୱାର୍ଡ୍ ମେମ୍ବରମାନେ ଯୋଗଦେଇଥିଲେ। ବିଶେଷ କରି ଗ୍ରାମରେ ଭିତ୍ତିଭୂମିର ବିକାଶ କିଭଳି ଗ୍ରାମସଭାରେ ଗ୍ରାମ ଲୋକଙ୍କ ମତମତକୁ ପ୍ରାଧାନ୍ୟ ଦେଇ କରାଯିବ ସେ ଦିନରେ ଅଧିକାରୀମାନେ ଯତ୍ନବାନ ହେବାକୁ ବିଧାୟକ ଜଗଦେବ ପରାମର୍ଶ ଦେଇଥିଲେ। ଏଥିସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା କିଭଳି ତଳସ୍ତରରେ କାର୍ଯ୍ୟକାରି ହେବ ସେନେଇ ଆଲୋଚନା କରାଯାଇଥିଲା। ଏହି ଅବସରରେ ବ୍ରହ୍ମପୁରା ଆଖପାଖ ଗ୍ରାମର ଲୋକାମାନେ ଉପସ୍ଥିତ ରହି ସେମାନଙ୍କର ସାମୁହିକ ଓ ବ୍ୟକ୍ତିଗତ ସମସ୍ୟା ବିଧାୟକଙ୍କୁ ଦରଖାସ୍ତ ମାଧ୍ୟମରେ ଅଭିଯୋଗ କରିଥିବା ବେଳେ, ଏସବୁ ସମସ୍ୟାର ଯଥାଶୀଘ୍ର ସମାଧାନ ପାଇଁ ଶ୍ରୀ ଜଗଦେବ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ଲ' ବିଭାଗରେ ବନ୍ଧା ପଡିଛି ଟ୍ରଷ୍ଟ ବୋର୍ଡ ଅନୁମୋଦନ ଫାଇଲ

ସମ୍ବଲପୁର, (ଡିକେ ନ୍ୟୁଜ୍): ସରକାର ପ୍ରାଚୀନ ଆଧ୍ୟାତ୍ମିକ ପୀଠ ତଥା ଐତିହ୍ୟର ସୁରକ୍ଷା ପାଇଁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଉଛି ବୋଲି ଘୋଷଣା କରି ଏହାର ରକ୍ଷଣାବେକ୍ଷଣ ଦିଗରେ ଯୋଜନା କରିଥିବା ନେଇ ଜୋରଦାର ପ୍ରଚାରପ୍ରସାର ହେଉଛି। ତେବେ ବିଡମ୍ବନାର ବିଷୟ ଯେ ବାସ୍ତବ କ୍ଷେତ୍ରରେ ଏହାର ଘୋର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ଘୋଷଣା ଓ ବାସ୍ତବ ଚିତ୍ର ରେ ଆକାଶ ପାତାଳ ଫରକ ଦେଖା ଯାଉଛି। ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଅନ୍ୟତମ ଆଦିପୀଠ କୁହାଯାଉଥିବା ଲପଙ୍ଗା ଗ୍ରାମରେ ଥିବା ଦୁଇ ଶହ ବର୍ଷରୁ ଉର୍ଦ୍ଧ୍ୱ ରମେଶ୍ୱର ରାମଚଣ୍ଡି ପୀଠ ଏହାର ଜ୍ୱଳନ୍ତ ଉଦାହରଣ ଅଟେ। ଗତ ୮ମାସରୁ ଉର୍ଦ୍ଧ୍ୱ କାଳ ହେଲା ଏହି ପୀଠର ଟ୍ରଷ୍ଟ ବୋର୍ଡ ଗଠନ ଫାଇଲ୍ ରାଜ୍ୟ ଲ' କମିଶନ ଦପ୍ତରରେ ଖତ ଖାଉଛି। ଫଳରେ ଏହି ଧର୍ମପୀଠର ରକ୍ଷଣାବେକ୍ଷଣ, ପରିଚାଳନା, ସେବାୟତମାନଙ୍କର ଦରମା ପ୍ରଦାନ, ପର୍ବପର୍ବାଣୀ ଆୟୋଜନ ଆଦିରେ ସମସ୍ୟା ଦେଖାଦେଇଛି ବୋଲି ଟ୍ରଷ୍ଟବୋର୍ଡର ସଭାପତି, କର୍ମକର୍ତ୍ତା ଓ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଗତ ଅଗଷ୍ଟ ମାସରେ ଇହ୍ନରିମ୍ ଟ୍ରଷ୍ଟ ବୋର୍ଡର କାର୍ଯ୍ୟକାଳ ଶେଷ ହେବା ପରେ ସମ୍ବଲପୁରର ଆସିଷ୍ଟାଣ୍ଟ ଦେବୋତ୍ତର କମିଶନରଙ୍କ ନିର୍ଦ୍ଦେଶ କ୍ରମେ ନୂତନ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇ ଦେବୋତ୍ତର କମିଶନର ନବ ଗଠିତ ଟ୍ରଷ୍ଟ ବୋର୍ଡକୁ ଅନୁମୋଦନ ପାଇଁ ସେପ୍ଟେମ୍ବର ମାସ ରୁ ରାଜ୍ୟ ଲ' କମିଶନ ପାଖକୁ ଅନୁମୋଦନ ପାଇଁ ପଠାଇ ଛନ୍ତି। ଇତି ମଧ୍ୟରେ ୮ମାସ ବିତିବାକୁ ବସିଲାଣି କିନ୍ତୁ ସମ୍ବଲପୁରର ଆସିଷ୍ଟାଣ୍ଟ ଦେବୋତ୍ତର କମିଶନର ରାଜ୍ୟ ଲ' କମିଶନ ପାଖକୁ ଟ୍ରଷ୍ଟ ବୋର୍ଡ ଅନୁମୋଦନ ପାଇଁ ପଠାଇଥିବା ଲପଙ୍ଗା ରାମଚଣ୍ଡି ପୀଠର ଟ୍ରଷ୍ଟବୋର୍ଡ଼ ଗଠନ ଫାଇଲ ଅନୁମୋଦନ ନହୋଇ ଖତ ଖାଉଛି। ନବଗଠିତ ଟ୍ରଷ୍ଟ ବୋର୍ଡ କର୍ମକର୍ତ୍ତା ଏଥିପାଇଁ ଭୁବନେଶ୍ୱରକୁ ଅନେକଥର ଧାଁ ଦୌଡ କରି ଖର୍ଚ୍ଚାନ୍ତ ଓ ହଇରାଣ ହରକତ ହେଉଥିଲେ ବି କୌଣସି ସୁଫଳ ମିଳୁ ନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଧର୍ମ ପୀଠ ଗୁଡିକର ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ଡିଣ୍ଡିମ ପିଟୁ ଥିବାବେଳେ ବିଶାଶହେ କୁଳତା ସମାଜ ଆରାଧ୍ୟ ରଣେଶ୍ୱର ରାମଚଣ୍ଡି ପୀଠର ଟ୍ରଷ୍ଟ ବୋର୍ଡ ଫାଇଲ ଅନୁମୋଦନ ନହୋଇ ଫାଇଲ୍ ଶୀତଳଭଣ୍ଡାରରେ ପଡି ରହିବା ସରକାରଙ୍କ ତଥା କଥିତ ଘୋଷଣାର ଅସଲ ସ୍ୱରୂପକୁ ପଦାରେ ପକାଇ ଦେଇଛି। ଉଲ୍ଲେଖ ଯୋଗ୍ୟ ଯେ ଅବିଭକ୍ତ ସମ୍ବଲପୁର ଜିଲ୍ଲାରେ ଲପଙ୍ଗା, ମୁରା, କମଗାଁ ଓ ସରସରା ଆଦି ୪ଟି ଗ୍ରାମରେ ରଣେଶ୍ୱର ରାମଚଣ୍ଡିଙ୍କ ପୀଠ ରହିଛି। ଏହି ଶକ୍ତିପୀଠ ଅସଂଖ୍ୟ ଶ୍ରଦ୍ଧାଳୁଙ୍କ ଆଧାତ୍ମିକ ଆସ୍ଥା, ଶ୍ରଦ୍ଧା, ବିଶ୍ୱାସର ପ୍ରତୀକ ଅଟେ। ଲପଙ୍ଗାର ରାମଚଣ୍ଡି ପୀଠ ବ୍ୟତୀତ ସମ୍ବଲପୁର ଜିଲ୍ଲାର ଲପଙ୍ଗାର ଜଗନ୍ନାଥ ମନ୍ଦିର ଓ ଶିବ ମନ୍ଦିରର ମଧ୍ୟ ଟ୍ରଷ୍ଟ ବୋର୍ଡ ଅନୁମୋଦନ ଫାଇଲ ଲ' କମିଶନ ଦପ୍ତର ଗତ ୩ବର୍ଷ ହେଲା ଅନୁମୋଦନ ନହୋଇ ପଡିରହିଛି। ଏସବୁ ଧର୍ମପୀଠ ଗୁଡିକ ଫାଇଲ ବର୍ଷ ବର୍ଷ ଧରି କାହିଁକି ଅନୁମୋଦନ କରାଯାଉ ନାହିଁ। ଏହାର ପଛରେ କ'ଣ ରହସ୍ୟ ଅଛି ବୋଲି ଜନସାଧାରଣ ପ୍ରଶ୍ନ ହେଉଛି।

## ଓଡ଼ିଶା ଯାତ୍ରା ଜଗତରେ ସୁନାମି, ତେଜିବାରେ ଲାଗିଛି ଯାତ୍ରା ବିବାଦ

ପାରାଦ୍ୱୀପ, (ଡିକେ ନ୍ୟୁଜ୍): ପୁଣି ଅଡୁଆରେ ତୁଳସୀ ଗଣନାଟ୍ୟ ମାଲିକ ନାଣ୍ଟୁ ବାବୁ ଓରଫ ଅନନ୍ତ ନାରାୟଣ ଧଳ। ଯାତ୍ରା କମିଟି ସହିତ ଚୁକ୍ତି ଖିଲାପ କରିଥିବା ଅଭିଯୋଗ ପାରାଦ୍ୱୀପ ଆଦର୍ସ ଥାନାରେ ଏତଲା ଦୁଇ ବର୍ଷ ହେଲାଣି ପାରାଦୀପ ମା' ତାରିଣୀ ଯାତ୍ରା କମିଟିକୁ ୪ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଫେରାଉ ନଥିବା ଅଭିଯୋଗ କରି ପାରାଦୀପ ଆଦର୍ଶ ଥାନାରେ ଏତଲା ଦେଲେ କମିଟି କର୍ମକର୍ତ୍ତା। ଖବର ମୁତାବକ ୨୦୨୩ ମସିହା ବିଶ୍ୱକର୍ମା ପୂଜାରେ ପାରାଦୀପର 'ମା ତାରିଣୀ' ଯାତ୍ରା କମିଟି ଦ୍ୱାରା ଆସିଥିବା ତୁଳସୀ ଗଣନାଟ୍ୟ ମାଲିକଙ୍କ ଅନ୍ୟ ଏକ ଯାତ୍ରା ପାର୍ଟି 'ସାଇ ସମ୍ରାଟ୍' ଯାତ୍ରା କରିବା ପାଇଁ ୫ଦିନର ଅଗ୍ରୀମ ଟଙ୍କା ନେଇଥିଲେ। ହେଲେ ଚୁକ୍ତି ଅନୁଯାୟୀ ବିଶ୍ୱକର୍ମା ପୂଜାର ୪ଦିନ ଯାତ୍ରା କରିବା ପରେ କମିଟିକୁ ନ ଜଣାଇ ଯାତ୍ରା ଟେଣ୍ଟ ଭାଙ୍ଗି ପାର୍ଟି ଫେରାର ହୋଇ ଯାଇଥିଲା। ଏନେଇ ସେ ସମୟରେ ପାରାଦୀପ ଆଦର୍ଶ ଥାନାରେ ଯାତ୍ରା କମିଟି ପକ୍ଷରୁ ଏକ ଏତଲା ଦିଆ ଯାଇଥିଲା। ଏନେଇ ତୁଳସୀ ଗଣନାଟ୍ୟ ମାଲିକ ଅବଶିଷ୍ଟ ଟଙ୍କା ଫେରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଟଙ୍କା କମିଟି ପାଇନାହିଁ ବୋଲି ତୁଳସୀ ଗଣନାଟ୍ୟ ମାଲିକଙ୍କ ନାମରେ ଥାନାରେ ଆଉ ଗୋଟିଏ ଅଭିଯୋଗ କରିଛନ୍ତି। ତୁଳସୀ ଗଣନାଟ୍ୟ ପାରାଦୀପ ନିକଟସ୍ଥ ଭୂତମୁଣ୍ଡାଇ ଅଞ୍ଚଳରେ ନାଟକ କରୁଥିବା ଜଣା ପଡିବା ପରେ ପାରାଦୀପ ଆଦର୍ଶ ଥାନାରେ ମା ତାରିଣୀ ଯାତ୍ରା କମିଟି ପକ୍ଷରୁ ଆଉ ଏକ ଅଭିଯୋଗ କରାଯାଇଛି।

## ମୃତ ଭାରତୀୟଙ୍କ ପାଇଁ ମହମବତୀ ଶୋଭାଯାତ୍ରା




ନିଆଳି, (ଡିକେ ନ୍ୟୁଜ୍): ଜାମ୍ମୁକାଶ୍ମିରୀର ପହଲଗାମ ଠାରେ ଆତଙ୍କ ହମଲାରେ ନିହତ ଭାରତୀୟଙ୍କ ପାଇଁ ନିଆଳି ବ୍ଲକ ବିନିଶପୁର ଗ୍ରାମପଞ୍ଚାୟତର ହିନ୍ଦୁମାନଙ୍କ ପକ୍ଷରୁ ୨୨ ତାରିଖ ମଙ୍ଗଳବାର ସନ୍ଧ୍ୟାରେ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିନିଶପୁରର ମା'ବୁଢ଼ୀ ଠାକୁରାଣୀଙ୍କ ମନ୍ଦିର ପ୍ରାଙ୍ଗଣରୁ କ୍ୟାଣ୍ଡେଲ୍ ଯାତ୍ରା ଆରମ୍ଭ ହୋଇ ନୂଆ ପଲମ ହାଟ ପରିକ୍ରମା କରିବା ପରେ କୁଞ୍ଜିଆପାଟଣା ସ୍ଥିତ ଜଗନ୍ନାଥ ମଠ ପରିସରରେ ଶେଷ ହେଇଥିଲା। ପରେ ପରେ ଦେଶରୁ କିଭଳି ଆତଙ୍କବାଦ ଲୋପ ପାଇବ ସେନେଇ ସରକାର ପଦକ୍ଷେପ ନିଅନ୍ତୁ ବୋଲି ନିବେଦନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିନିଶପୁର ସରପଞ୍ଚ ବବୁଲ ଦାସ, ସୁରତ ମହାନ୍ତି, ରାଜକିଶୋର ବେହେରା, ସୂର୍ଯ୍ୟଜିତ ଖୁଣ୍ଟିଆ, ଟୁଲୁ ବେହେରା, ଯାଛେନ୍ଦ୍ର ମହାପାତ୍ର, ନିହାର ରଞ୍ଜନ ମହାନ୍ତି, ତୋଫାନ ଦାସ, ଜିତେନ୍ଦ୍ର ମହତାଙ୍କ ସମେତ ଅଞ୍ଚଳରୁ ଶହ ଶହ ଲୋକେ ଯୋଗ ଦେଇଥିଲେ।

## ବାବା ବାଲି କପିଳେଶ୍ୱରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ



କଣ୍ଟାପଡ଼ା, (ଡିକେ ନ୍ୟୁଜ୍): କଟକ ଜିଲ୍ଲା କଣ୍ଟାପଡ଼ା ସ୍ଥିତ ଡିମିରି ଗ୍ରାମରେ ଥିବା ଆରାଧ ଦେବତା ପ୍ରଭୁ ଶ୍ରୀ ବାବା ବାଲି କପିଳେଶ୍ୱରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଛି। ଚଳିତ ମେଷ ବୈଶାଖ ମାସ କୃଷ୍ଣ ପକ୍ଷ ଚତୁର୍ଦ୍ଦଶୀ ତିଥିରେ ୨୭ତାରିଖ ରବିବାର ଠାରୁ ଆରମ୍ଭ ହେଇ ୩୦ତାରିଖ ବୁଧୁବାର ପର୍ଯ୍ୟନ୍ତ ତ୍ରିଦିନ ଧରି ଚାଲୁ ରହିବ। ସୋମବାର ପୂଜା କମିଟିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କର ସହଯୋଗରେ ମନ୍ଦିର ପ୍ରାଙ୍ଗଣରୁ ଏକ କଳସ ଶୋଭାଯାତ୍ରାରେ ବାହାରି ନୋଦା, ଅରିଶୋଲ ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଥିବା କନ୍ଦଳ ନଦୀରେ ପହଞ୍ଚି ପାରମ୍ପାରିକ ରୀତିନୀତି ଅନୁଯାୟୀ ପୂଜା ଅର୍ଚ୍ଚନା ଶେଷ କରି ଘଣ୍ଟ, ଘଣ୍ଟା, ଶଙ୍ଖ ଓ ହୁଳହୁଳି ପକାଇ ଡିମିରି ଗ୍ରାମ ପରିକ୍ରମା କରିବାର ଦେଖିବାକୁ ମିଳିଥିଲା। ସୁଚିତ ରଞ୍ଜନ ମହାନ୍ତି (କର୍ତ୍ତା), ମଞ୍ଜୁ ଲତା ମହାନ୍ତି (କର୍ତ୍ତି), ହରିଶ ଚନ୍ଦ୍ର ଦାସ, ସନାତନ ବାରିକ, ଶ୍ରୀନିବାସ ଦାସ, ସୁନନ୍ଦା କୁମାର ଜେନା, ସୁଭାଷ ଚନ୍ଦ୍ର ବାରାଳ, ମନୋରଞ୍ଜନ ମହାନ୍ତି, କହରୀ ମହାନ୍ତି, ସୁଶାନ୍ତ ବରାଳଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କର୍ମକର୍ତ୍ତାଙ୍କୁ ଦେଖିବାକୁ ମିଳିଥିଲା। ବାବା ବାଲି କପିଳେଶ୍ୱରଙ୍କର ବୁଧବାର ପୂର୍ଣ୍ଣାହୁତି ସାଙ୍ଗକୁ ପ୍ରସାଦ ସେବନର ମଧ୍ୟ ଅୟୋଜନ ରହିଛି।

## ଜିଲ୍ଲାପାଳଙ୍କ ମିଳିତ ଜନଅଭିଯୋଗ ଶୁଣାଣି



ପାରଳାଖେମଣ୍ଡି, (ଡିକେ ନ୍ୟୁଜ୍): ଗଜପତି ଜିଲ୍ଲା ଗୋସାଣୀ ବ୍ଲକ ଅନ୍ତର୍ଗତ ସୋବରା ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ବିଜୟ କୁମାର ଦାଶ, ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶଙ୍କର କେରକେଟା, ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଅନୁପ ପଣ୍ଡା ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ସୋବରା ଗ୍ରାମ ପଞ୍ଚାୟତ ସମେତ ଲାବଣ୍ୟଗଡ, ଗାରାବନ୍ଧ ଓ ରମ୍ଭା ପଞ୍ଚାୟତର ସମୁଦାୟ ମୋଟ- ୫୩ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା ୧୯ଟି, ଗ୍ରାମ ଭିତ୍ତିକ ସମସ୍ୟା ୩୪ଟି ଅଭିଯୋଗ ଆସିଥିଲା ଓ ସେଥିମଧ୍ୟରୁ ୯ଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି ଓ ସ୍ଥାନୀୟ ୨୨ଜଣ ହିତାଧିକାରୀଙ୍କୁ ଜଙ୍ଗଲ ଜମୀ ପଟ୍ଟା ପ୍ରଦାନ କରାଯାଇଛି। ଅନ୍ୟ ସମସ୍ତ ଅଭିଯୋଗକୁ ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ପ୍ରଧାନମନ୍ତ୍ରୀ ଆବାସୀ ଯୋଜନା, ସାମାଜିକ ସୁରକ୍ଷା, ଜମି ପଟ୍ଟା, ମନରେଗା, ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା, ଜଳ ସେଚନ, ସ୍ୱାସ୍ଥ୍ୟ ଓ ରାସ୍ତା ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସମୟରେ ଗୋସାଣୀ ପଞ୍ଚାୟତ ସମିତି ଅଧକ୍ଷ ଏନ.ବୀରାରାଜୁ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋରା ଚନ୍ଦ୍ର ପଟ୍ଟନାୟକ, ତହସିଲଦାର ନାରାୟଣ ବେହେରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରଖ ଆଲ୍ଲୀ, ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଅଧିକାରୀ ସୋନ୍ତୋଷ କୁମାର ନାୟକ ଓ ସ୍ଥାନୀୟ ସରପଞ୍ଚ ଓ ଜନପ୍ରତିନିଧି ସମେତ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଗଣ ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ




ରାୟଗଡା, (ଡିକେ ନ୍ୟୁଜ୍): ଆସନ୍ତା ମଇ ମାସ ୨୦ତାରିଖରୁ ରାୟଗଡା ଜିଲ୍ଲାରେ ଖୋଲିବ ରବି ଋତୁ ଧାନ ମଣ୍ଡି। ଏ ନେଇ ମଙ୍ଗଳବାର ଜିଲ୍ଲାସ୍ତରୀୟ ରବି ଋତୁ ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାୟଗଡ ଜିଲ୍ଲାପାଳ ପାରୁଲ ପଟାୱରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କୋରାପୁଟ ସଂକ୍ଷସଦ ସପ୍ତଗିରି ଉଲାକା, ରାୟଗଡା ବିଧାୟକ କାଡ୍ରାକା ଆପାଲସ୍ୱାମୀ, ବିଷମ କଟକ ବିଧାୟକ, ନୀଳମାଧ ହିକକା, ସିଡିଓ ତଥା ଇଓ ଜିଲ୍ଲାପରିଷଦ, ଅକ୍ଷୟ କୁମାର ଖେମୁଣ୍ଡୁ, ମୁଖ୍ୟ ବେସାମରିକ ଯୋଗାଣ ଅଧିକାରୀ ରାଜକିଶୋର ପାଣିଗ୍ରାହୀ, ଜିଲ୍ଲା ଯୋଗାଣ ଅଧିକାରୀ ଦାଶରଥି ସୋରେନ, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କରଙ୍କ ସମେତ ଚାଷୀପ୍ରତିନିଧି, ଉପ-ନିବନ୍ଧକ, ସମବାୟ ସମିତି ଓ ଅନ୍ୟମାନେ ଯୋଗ ଦେଇଥିଲେ। ଚଳିତ ରବି ଋତୁରେ ୮ହଜାର ୮୯୦କ୍ୱିଂଟାଲ ଧାନ ସଂଗ୍ରହ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୫୦୩ଜଣ ପଂଜୀକୃତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯିବ ବୋଲି ବୈଠକରେ ଉପସ୍ଥାପନା କରାଯାଇଥିଲା। ଚଳିତ ବର୍ଷ ମଧ୍ୟ ମଣ୍ଡିରେ ଚାଷୀମାନେ ଯେପରି ଧାନ ବିକ୍ରିୟ ସମୟରେ କୌଣସିଅସୁବିଧା ନହୁଅନତି ସେଥି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଚାଷୀମାନଙ୍କ ଠାରୁ ଶାନ୍ତି ଶୃଙ୍ଖଳା ସହ ଧାନ ସଂଗ୍ରହ କରାଯିବା ପାଇଁ ଓ ଅଧିକରୁ ଅଧିକ ପଞ୍ଜିକୃତ ଚାଷୀ ଧାନ ବିକ୍ରୟ କରି ପାରିବେ ସେଥିପାଇଁ ବିଭାଗୀୟ ଅଧିକାରୀମାନେ ଧ୍ୟାନ ଦେବାକୁ ଜନପ୍ରତିନିଧିମାନେ କହିଥିଲେ। ଧାନର କ୍ରୟମୂଲ୍ୟ ଓଡିଶାର ଚାଷୀମାନେଙ୍କ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ ୨୩୦୦ଟଙ୍କା+ ଇନ୍‌ପୁଟ ଟ୮୦୦.୦୦କୁ କରାଯାଇଛି। ଅନ୍ୟରଜ୍ୟର ସୀମାନ୍ତ ଅଂଚଳ ଗୁଡିକରେ କଡା ନଜର ରଖିବା ପାଇଁ ଉଭୟ ଆରଏମସି ସମ୍ପାଦକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଚାଷୀମାନଙ୍କ ଠାରୁ ଧାନ କିଣିବାର ୨୪ରୁ ୪୮ଘଣ୍ଟା ମଧରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ସିଧା ସଳଖ ଜମା କରାଯିବ। ଚାଷୀ ଏଫକ୍ୟୁ ମକ୍ଷନରଧାନ ମଣ୍ଡିକୁ ଆଣିବେ। ଆରଏମସି ତରଫରୁ ସମସ୍ତ ପ୍ରକାର ସୁବିଧା କରାଯିବ ଓ ଧାନର ଗୁଣବତ୍ତା ଚେକ କରିବାକୁ ତାଲିମ ପ୍ରାପ୍ତ ବ୍ୟକ୍ତିଙ୍କୁ ନିୟୋଜିତ କରାଯିବ। ଚାଷୀ ମଣ୍ଡିରେ କୌଣସି ପ୍ରକାର ଅସୁବିଧା ନ ହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ କୁହାଯାଇଛି। ଚାଷୀମାନଙ୍କ ସୁବିଧା ନିମନ୍ତେ ଧାନ ବିକ୍ରୟ ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ଯୋଗାଣ ଅଧିକାରୀ ଉପସ୍ଥାପନା କରିଥିଲେ। ଜିଲ୍ଲାରେ ଖରିଫ ଧାନ ଆସନ୍ତା ମାସ ୨୦ତାରିଖରେ ବିଷମ କଟକ, ମୁନିଗୁଡା, ଗୁଡ଼ାରୀ, ପଦ୍ମପୁର, ରାମନାଗୁଡ଼ା ଓ କୋଲାନାରା ବ୍ଲକରେ ଶୁଭ ଆରମ୍ଭ କରାଯିବ ଓ ଆସନ୍ତା ୨୮ ତାରିଖରେ ଗୁଣୁପୁର ବ୍ଲକରେ ଧାନ ମଣ୍ଡି ଶୁଭାରମ୍ଭ କରାଯିବ। ଚାଷୀମାନଙ୍କ ଜାଣିବା ପାଇଁ ବିଭିନ୍ନ ମାଧ୍ୟମରେ ସଚେତନତା କରାଯିବ।

## ଭାରତୀୟ ଉପଭୋକ୍ତା ଉତ୍ପାଦ ବିତରଣ ସଂଘ ପକ୍ଷରୁ ଜିଲ୍ଲାସ୍ତରୀୟ କର୍ମଶାଳା



ପାରାଦ୍ୱୀପ, (ଡିକେ ନ୍ୟୁଜ୍): ପାରାଦ୍ୱୀପରେ ଅଲ୍ ଇଣ୍ଡିଆ କଞ୍ଜ୍ୟୁମର୍ ଫେଡରେଶନ୍ ଡିଷ୍ଟ୍ରିବୁସନ୍ ଆସୋସିଏସନ୍ ତରଫରୁ ହୋଟେଲ୍ ଏମ୍ପାୟାର୍ସ ପରିସରରେ ସମସ୍ତ ଡିଷ୍ଟ୍ରିବୁସନ୍‌ର କର୍ମକର୍ତ୍ତାଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ସର୍ବ ଭାରତୀୟ ଉପଭୋକ୍ତା ଉତ୍ପାଦ ବିତରଣ ସଂଘ ଓ ଓଡିଶା ସମସ୍ତ ଉପଭୋକ୍ତା ଉତ୍ପାଦ ବିତରଣ ସଂଘର କର୍ମକର୍ତ୍ତାମାନେ ଯୋଗଦେଇ କିଭଳି ଅନଲାଇନ ବ୍ୟବସାୟ ଦ୍ୱାରା ଗ୍ରାହକ ମାନେ ଠକାମୀର ଶୀକାର ହେଉଛନ୍ତି, ସେଥିରୁ ସମସ୍ତେ କିପରି ନିବୃତ୍ତ ରହିବେ ସେଥିପାଇଁ ଗ୍ରାହକମାନେ ସଚେତନ ହେବା ଆବଶ୍ୟକ ରହିଛି। ଏନେଇ ଗାଁ ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ଅନଲାଇନ ବ୍ୟବସାୟରେ ଠକାମିରୁ ବଞ୍ଚିତ ହେବା ପାଇଁ ଗ୍ରାହକମାନଙ୍କୁ ସଚେତନ କରାଯିବ ବୋଲି କର୍ମଶାଳାରେ ନିଷ୍ପତ୍ତି ହୋଇଛି। ଏହି ଅନଲାଇନ ଠକାମିରୁ ବଞ୍ଚିବାକୁ ହେଲେ ସ୍ଥାନୀୟ ବ୍ୟବସାୟୀମାନେ ହେଲେ ଭବିଷ୍ୟତ ଚେହେରା ବୋଲି କହିଛନ୍ତି ଓଡିଶା ତଥା ପାରାଦ୍ୱୀପ ଉପକୂଳ ଉପଭୋକ୍ତା ଉତ୍ପାଦ ସଂଘ ସାଧାରଣ ସଂପାଦକ ପ୍ରଦୀପ କୁମାର ସ୍ୱାଇଁ। ତେଣୁ ଆଗାମୀ ଦିନରେ ଅନଲାଇନ ବ୍ୟବସାୟ ଦ୍ୱାରା କିପରି ଲୋକଙ୍କ ପାଖରେ ପହଞ୍ଚି ସାଧାରଣ ଲୋକମାନଙ୍କୁ ସଚେତନ କରାଯିବ, ଏଥିପ୍ରତି ସମସ୍ତ ରିଟେଲର୍, ହୋଲସେଲର୍ ଓ ଡିଷ୍ଟ୍ରିବ୍ୟୁଟର୍‌ମାନେ ଏକତ୍ରିତ ହେବା ପାଇଁ ଡିଷ୍ଟ୍ରିବୁସନ୍ ଆସୋସିଏସନ ଆହ୍ୱାନ ଦେଇଛି। ଏହି କର୍ମଶାଳାରେ ପାରାଦୀପ କୋଷ୍ଟାଲ୍ ଡିଷ୍ଟ୍ରିବୁଟର୍ ଆସୋସିଏସନ, କୁଜଙ୍ଗ ଓ ରାହାମାର ମା ଶାରଳା ଡିଷ୍ଟ୍ରିବୁଟର ଆସୋସିଏସନ ସମେତ ଜଗତସିଂହପୁର ଜିଲ୍ଲା ଡିଷ୍ଟ୍ରିବୁଟର୍ ଆସୋସିଏସନର ମିଳିତ ଭାବେ ଏହି କର୍ମଶାଳା ଆୟୋଜନ କରିଥିଲେ। ଏହି କର୍ମଶାଳାରେ ରାଜ୍ୟ ତଥା ଅଲ୍ ଇଣ୍ଡିଆ କଞ୍ଜ୍ୟୁମାର୍ ଡିଷ୍ଟ୍ରିବୁଟର ଆସୋସିଏସନର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବରେ ସମ୍ବଲପୁରର ପିଏଲଏନସିଏର ଭାଗକୁ ସର୍ବଶ୍ରେଷ୍ଠ ପୁରସ୍କାର

ସମ୍ବଲପୁର, (ଡିକେ ନ୍ୟୁଜ୍): ଦକ୍ଷିଣ ଓଡିଶା କୋରାପୁଟ ଜିଲ୍ଲାର ଦମନଯୋଡି ନାଲକୋ ଠାରେ ୧୦ ଦିନ ବ୍ୟାପି ଆୟୋଜିତ ପଞ୍ଚପଟ୍ଟମାଳି ନାଟ୍ୟ ମହୋତ୍ସବରେ ସମ୍ବଲପୁରର ପଣ୍ଡିତ ଲକ୍ଷ୍ମୀନାରାୟଣ କଲଚରାଲ ଆସୋସିଏସନ ଦ୍ୱାରା ପ୍ରଦର୍ଶିତ ସମ୍ବଲପୁରୀ ନାଟକ ଭାଗ ଶ୍ରେଷ୍ଠ ସଫଳତା ହାସଲ କରିବା ସହ ୮ଟି ଶ୍ରେଷ୍ଠ ପୁରସ୍କାର ପାଇବାରେ ସଫଳ ହୋଇଛି। ସନ୍ତୋଷ ମିଶ୍ରଙ୍କ ଦ୍ୱାରା ରଚିତ ଭାଗ ନାଟକ ଉତ୍ସବରେ ଶ୍ରେଷ୍ଠ ପାଣ୍ଡୁଲିପି ଭାବରେ ପୁରସ୍କୃତ ହୋଇଛି। ଦିନକୁ ଦିନ ଆଧୁନିକ ଜୀବନ ଧାରାର ପ୍ରଭାବରେ ମଣିଷ ସମାଜ କବଳିତ ହେବାରେ ଲାଗିଛି। ହରେଇ ବସିଛି ନିଜର ମଣିଷତ୍ୱକୁ। ପୁଅ ଝିଅମାନେ ମାଆ ବାପା ବୃଦ୍ଧବସ୍ଥାକୁ ଆସିଲା ପରେ ଆଉ ସେବା ଶୁଶ୍ରୁଷା ପ୍ରତି ମନ ବଳଉନଥିବା ବେଳେ ବୃଦ୍ଧାଶ୍ରମରେ ଛାଡ଼ିଦେବାକୁ ବି ପଛାଉନାହାନ୍ତି। ପୈତୃକ ସମ୍ପତ୍ତିର ଅଧିକାର ଦାବିକରି କୋର୍ଟ କଚେରୀର ଆଶ୍ରୟ ନେବାକୁ ବି ପଛଉନାହାନ୍ତି। ହେଲେ ଦୁଇଭାଇ ରାମ ପ୍ରଧାନ ଓ ଲକ୍ଷ୍ମଣ ପ୍ରଧାନ



ମଧ୍ୟରେ ନବେ ବର୍ଷୀୟା ବୃଦ୍ଧା ମାଆଙ୍କୁ ପାଖରେ ରଖିବାକୁ ଏହି ନାଟକ ଭାଗରେ ହୋଇଛି ପ୍ରତିଯୋଗିତା। ବଡ଼ ଭାଇ ରାମର ଆର୍ଥିକ ଦୁର୍ବଳତା ସତ୍ତ୍ୱେ ସେ ବୃଦ୍ଧା ମାଆକୁ ଛାଡିବାକୁ ନାରାଜ। ଏହି ଝାମେଲା କୋର୍ଟ କଚେରୀକୁ ପହଂଚିଛି ଶେଷରେ ବୃଦ୍ଧା ମାଆ ନିଜକୁ ଭାଗ ହେବାକୁ ଦେଇନି। ଦୁହିଁ ପୁଅକୁ ସାଥିରେ ରହି ତାକୁ ରଖିବାକୁ ଅନୁରୋଧ କରିଛି। ନାଟକର ସମ୍ବେଦନଶୀଳ କଥାବସ୍ତୁ, ଗତିଶୀଳତା ଓ ଅଭିନୟ ଦର୍ଶକଙ୍କ ମନକୁ ଛୁଇଁବା ସାଥିରେ ମହୋତ୍ସବରେ ସର୍ବଶ୍ରେଷ୍ଠ ଆଠୋଟି ପୁରସ୍କାର ପାଇବାର ସଫଳତା ଦେଇପାରିଛି। ଭାଗ ନାଟକର ନାଟ୍ୟକାର ସନ୍ତୋଷ ମିଶ୍ର ଶ୍ରେଷ୍ଠ ନାଟ୍ୟକାର ବିବେଚିତ ହୋଇଥିବା ବେଳେ ଦ୍ୱିତୀୟ ପ୍ରଯୋଜନା ପୁରସ୍କାର ପାଇଛି। ବଡ଼ ଭାଇ ଭୂମିକାରେ ଅଭିନୟ କରି ସୁଭେନ୍ଦ୍ର ନନ୍ଦ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତା, ସାନ ଭାଇ ଭୂମିକାରେ ଲକ୍ଷ୍ମଣ ଭୂମିକାରେ ଜଗଦୀଶ ମହାପାତ୍ର ଦ୍ୱିତୀୟ ଶ୍ରେଷ୍ଠ ପାର୍ଶ୍ୱ ଅଭିନେତା, ବୃଦ୍ଧା ମାଆ ଭୂମିକାରେ ମଧୁମିତା ନାୟକ ଦ୍ୱିତୀୟ ଶ୍ରେଷ୍ଠ ଅଭିନେତ୍ରୀ ଭାବରେ ପୁରସ୍କୃତ ହୋଇପାରିଛନ୍ତି। ଏଥିସହ ନିର୍ଦ୍ଦେଶକ ଦିଲୀପ ଦେବ ତୃତୀୟ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ, ସଂଗୀତ ପାଇଁ ପ୍ରମୋଦ ମିଶ୍ର ତୃତୀୟ ଶ୍ରେଷ୍ଠ ସଂଗୀତକାର ଓ ମଞ୍ଚ ସଜ୍ଜା ପାଇଁ ସଞ୍ଜୀୟ ସାହୁଙ୍କୁ ସ୍ୱତନ୍ତ୍ର ଜୁରୀ ଆୱାର୍ଡ ଭାବରେ ପୁରସ୍କୃତ ହୋଇପାରିଛନ୍ତି। ଯାହାକି ଦକ୍ଷିଣ ଓଡିଶାରେ ସମ୍ବଲପୁରୀ ନାଟକ ଭାଗ ର ଏହା ଏକ ବଡ଼ ସଫଳତା ବୋଲି କୁହାଯାଇପାରେ। ଏହି ସମ୍ବଲପୁରୀ ନାଟକ ଭାଗରେ ଅନ୍ୟମାନଙ୍କ ମଧ୍ୟରେ ସୁଚିତ୍ରା ଦାସ, ସତ୍ୟନାରାୟଣ ସାହୁ, କୃଷ୍ଣଚନ୍ଦ୍ର ପତି, ମୋନାଲିସା ସାହୁ, ସଞ୍ଜୀୟ ସାହୁ, ସନ୍ତୋଷ ମିଶ୍ର ପ୍ରମୁଖ ଅଭିନୟ କରିଥିବା ବେଳେ ଆଲୋକ ସମ୍ପାତ କରିଥିଲେ ବିରୁପାକ୍ଷ ପ୍ରଧାନ, ସଂଗୀତରେ ଭାଗ ନେଇଥିଲେ ପ୍ରମୋଦ ନାୟକ, ବିଜୟ କୁମାର ମିଶ୍ର ପ୍ରମୁଖ ଭାଗ ନେଇଥିଲେ।

## ‘ମଶାରୀ ବ୍ୟବହାର ହିଁ ସୁସ୍ଥ ଜୀବନର ମୂଳମନ୍ତ୍ର’



ଧର୍ମଗଡ଼, (ଡିକେ ନ୍ୟୁଜ୍): ମେଲେରିଆ ହେଉ କି ଡେଙ୍ଗୁ ଆମେ ଯଦି ଶୋଇବା ବେଳେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଆ ଯାଉଥିବା ଔଷଧ ବୋଲା ମଶାରୀ ବ୍ୟବହାର କରିବା ତାହେଲେ ସବୁ ରୋଗ ରୁ ନିଜକୁ ସୁରକ୍ଷିତ ରଖିବା ସହ ସୁସ୍ଥ ଜୀବନ ଯାପନ କରିବା ବୋଲି ସୋମବାର କୋକସରା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତା ମଶାରୀ ବଣ୍ଟନର ଉଦଘାଟନ ଅବସରରେ ଉପସ୍ଥିତ ପ୍ରଶାସନିକ, ସ୍ୱାସ୍ଥ୍ୟ ଅଧିକାରୀ ଓ ଜନ ପ୍ରତିନିଧିମାନେ ପରାମର୍ଶ ଦେଇଛନ୍ତି। କୋକସରା ସିଏଚସି ପକ୍ଷରୁ ସୋମବାର ବରାଡୋଙ୍ଗା ପଞ୍ଚାୟତ ଶିଉନି ଗ୍ରାମ ଅଙ୍ଗନୱାଡି କେନ୍ଦ୍ର ନିକଟରେ ହିତାଧିକାରୀଙ୍କୁ ମଶାରୀ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ କୋକସରା ସିଏଚସି ଇନଚାର୍ଜ ଡ଼.ତତ୍ୱଦର୍ଶୀ ଦାସଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ କୋକସରା ତହସିଲଦାର କ୍ଷୀରୋଦ ବିହାରୀ ଭାରତ ନାଗ, ମୁଖ୍ୟବକ୍ତା ଭାବେ କୋକସରା ବ୍ଲକ ଉପାଧକ୍ଷ ରାଜୀବ କୁମାର ଅଗ୍ରୱାଲ, ସମ୍ମାନିତ ଅତିଥି ଭାବେ କୋକସରା ବିଡ଼ିଓ ଡ଼. ହିମାଞ୍ଚଳ ମାଝୀ, ସାଂସଦ ପ୍ରତିନିଧି ଗୋପିଚନ ନାଏକ, ସ୍ଥାନୀୟ ସରପଞ୍ଚ ନିରୂପମା ସେଠି, ସମିତି ସଭ୍ୟ ଗୁପ୍ତେଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଅବସରରେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟ ସେବାକୁ ବ୍ରତ ଭାବେ ତୁଲାଉଥିବା ଆଶା କର୍ମୀ ପୂର୍ଣ୍ଣମୀ ବାଗ, ଭୂମିସୁତା ବାଗ, ସଂଯୁକ୍ତା ନାଏକଙ୍କୁ ଉଲ୍ଲେଖଯୋଗ୍ୟ ସ୍ୱାସ୍ଥ୍ୟ ସେବା ପାଇଁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଉପସ୍ଥିତ ହିତାଧିକାରୀଙ୍କୁ ମଶାରୀ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମଞ୍ଚ ସଂଯୋଜନାରେ ଫାର୍ମାସିଷ୍ଟ ସୁଧୀର କୁମାର ଧଙ୍ଗଡା ମାଝୀ ପରିଚାଳନା କରିଥିବା ବେଳେ ସିଏଚସି ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରିଣୀ ଶର୍ମିଳା ଛତ୍ରିଆ, ବିପିଏମ ସୁରଜିତ ସିଂ କୁମାର, ସ୍ୱାସ୍ଥ୍ୟ ପରିଦର୍ଶକ କେତନ ପାତ୍ର, ଭିବିଡିଟିଏସ ଦୁଷ୍ମନ୍ତ ରାଉତ, ଏସଟିଏସ ଅମୋଦ ଗୁଲାପ ସମେତ ସମସ୍ତ ମହିଳା ଓ ପୁରୁଷ ସ୍ୱାସ୍ଥ୍ୟ କର୍ମୀ, ଆଶା କର୍ମୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

## ସାହାରପଡାଠାରେ ଯୁଗ୍ମ ଅଭିଯୋଗ ଶୁଣାଣି

କେନ୍ଦୁଝର, (ଡିକେ ନ୍ୟୁଜ୍): ସୋମବାର କେନ୍ଦୁଝର ଜିଲ୍ଲାପାଳ ବିଶାଲ ସିଂହଙ୍କ ନିର୍ଦ୍ଦେଶକ୍ରମେ କେନ୍ଦୁଝର ଜିଲ୍ଲା ସାହାରପଡା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ମୋଟ୍ ୧୧୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସମୁଦାୟ ଅଭିଯୋଗ ମଧ୍ୟରୁ ୨୭ଟି ଅଭିଯୋଗ ଗୋଷ୍ଠୀ ସମସ୍ୟା/ଗ୍ରାମ୍ୟ ସମସ୍ୟାମୂଳକ ହୋଇଥିବାବେଳେ ୮୭ଟି ଅଭିଯୋଗ ବ୍ୟକ୍ତିଗତ ସମସ୍ୟା ଉପରେ ପର୍ଯ୍ୟବେସିତ ଥିଲା। ସେଥିମଧ୍ୟରୁ ୬୪ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଜିଲ୍ଲା ରେଡ୍‌କ୍ରସ ପାଣ୍ଠିରୁ ସହାୟତା ପାଇଁ ୨ଟି ଆବେଦନପତ୍ର ଗ୍ରହଣ କରାଯାଇଥିଲା। ଏହି ଅବସରରେ ୬ଟି ଦିବ୍ୟାଙ୍ଗମାନଙ୍କୁ ହୁଇଲଚେୟାର ପ୍ରଦାନ କରାଯାଇଥିଲା। ଏହି ଶୁଣାଣିରେ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୁଷଣ, ଏବଂ ସହକାରୀ ଜିଲ୍ଲାପାଳ ସରୋଜ କୁମାର ମଲ୍ଲିକଙ୍କ ସମେତ ଜିଲ୍ଲାସ୍ତରର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଏଥିରେ ଯୋଗଦେଇଥିଲେ। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ଅଭିଯୋଗ ଶୁଣାଣି ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସକାଳ ୭ରୁ ୧୦ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।

## ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ



ଅନୁଗୋଳ, (ଡିକେ ନ୍ୟୁଜ୍): ଅନୁଗୋଳ ଓକିଲ ସଂଘ ପକ୍ଷରୁ ୧୭୭ତମ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ସ୍ଥାନୀୟ ସଭାଘର ଠାରେ ମହାସମାରୋହରେ ପାଳିତ ହୋଇଯାଇଛି। ଓକିଲ ସଂଘର ସଭାପତି ହିମାଂଶୁ ଭୂଷଣ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାଜ୍ୟ ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱତନ୍ତ୍ର ସମ୍ମାନିତ ଅତିଥି ରୂପେ, ରାଜ୍ୟ ରାଜସ୍ୱ ଓ ପ୍ରାକୃତିକ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ମୁଖ୍ୟବକ୍ତା ରୂପେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ଅନ୍ୟ ସମ୍ମାନିତ ଅତିଥି ରୂପେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ପାଲଲହଡା ବିଧାୟକ ଅଶୋକ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ମଞ୍ଚରେ ମଧୁ ବାବୁଙ୍କ ବିଷୟରେ ଅନେକ ଆଲୋକପାତ କରିଥିଲେ ଏବଂ ଆଇନ ବ୍ୟବସାୟର ବିଭିନ୍ନ ଦିଗ ଉପରେ ପର୍ଯ୍ୟାଲୋଚୋନା କରିଥିଲେ। ବରିଷ୍ଠ ଆଇନଜୀବୀ ହେମନ୍ତ କୁମାର ସାହୁଙ୍କ ସମ୍ପାଦନରେ ପ୍ରସ୍ତୁତ ସ୍ମରଣିକାକୁ ମଧ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଅତିଥିମାନେ ବରିଷ୍ଠ ଆଇନଜୀବୀ ସୁବାସ ଚନ୍ଦ୍ର ମିଶ୍ର, ପରମାନନ୍ଦ ମିଶ୍ର, ସୁରେଶ ମିଶ୍ର, ଜଗତା ମୋହନ ଦାସ, ବୈକୁଣ୍ଠ ପ୍ରଧାନ, ସୁବାସ ସାହୁ, ବିଭୁତି ଦାସ, ଶ୍ରୀକାନ୍ତ ଗଡ଼ନାୟକ, ସନ୍ତୋଷ ମହାପାତ୍ର ଓ ବିପ୍ର ଚରଣ ତ୍ରିପାଠୀ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଂଘର ଉପସଭାପତି ପ୍ରତାପ କୁମାର ନାଏକ, ସାଧାରଣ ସମ୍ପାଦକ ଧ୍ରୁବ ଚରଣ ସାହୁ, ସହସମ୍ପାଦକ ପୁରୁଷୋତ୍ତମ ନାୟକ, କୋଷାଧକ୍ଷ ପ୍ରଦୀପ କୁମାର ସେଠୀ ଓ ସାଂସ୍କୃତିକ ସମ୍ପାଦକ ଜ୍ୟୋସ୍ନାମୟୀ ସାହୁ ମଞ୍ଚାସିନ ଥିଲେ। ଆଇନଜୀବୀ ସଞ୍ଜୟ କୁମାର ସାହୁ ଓ ବିନୋଦ କୁମାର ସାମଲ ମଞ୍ଚ ପରିଚାଳନା କରିଥିଲେ। ଆଇନଜୀବୀ ଓ ସେମାନଙ୍କର ପରିବାର ପକ୍ଷରୁ ସଂଗୀତ ଓ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ଓ ମେଲୋଡି ପରିବେଷଣ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଆଇନଜୀବୀଙ୍କ ସନ୍ତାନ, ସନ୍ତତି ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ଉତ୍ସାହିତ କରାଯାଇ ଥିଲା।

## ବିଶିଷ୍ଟ ଫଟୋଗ୍ରାଫର କରୁଣାକର ଶତପଥିଙ୍କ କୃତିତ୍ୱ

ସମ୍ବଲପୁର, (ଡିକେ ନ୍ୟୁଜ୍): ଜାତୀୟ ଫଟୋଗ୍ରାଫି ସଂଘ (ଫିପ୍) ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ଜାତୀୟ ଡିଜିଟାଲ ଫଟୋଗ୍ରାଫି ପ୍ରତିଯୋଗିତାରେ ସମ୍ବଲପୁରର ବରିଷ୍ଠ ଫଟୋଗ୍ରାଫର କରୁଣାକର ଶତପଥୀ ଓଡ଼ିଶାର ଏକମାତ୍ର ବିଚାରକ ଭାବେ ୧୫ ଜଣିଆ ବିଚାରକ ମଣ୍ଡଳୀରେ ସ୍ଥାନ ପାଇଛନ୍ତି। ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ରାଜ୍ୟରୁ ୨୫୦ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ସୂଚନୟଯୋଗ୍ୟ, ଶ୍ରୀ ଶତପଥୀ ଫଟୋଗ୍ରାଫି କ୍ଷେତ୍ରରେ ଅନେକ ରାଷ୍ଟ୍ରୀୟ ତଥା ଅର୍ନ୍ତଃରାଷ୍ଟ୍ରୀୟ ସମ୍ମାନ ପାଇବା ସହ ବିଚାରକ ଭୂମିକା ମଧ ତୁଲାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଆଜି ମୋଦିଙ୍କ ଅଧ୍ୟକ୍ଷତାରେ...

ଯିବା ପାଇଁ ଚାଇନା କିମ୍ବା ଶ୍ରୀଲଙ୍କାର ଆକାଶ ପଥରେ ନିଜର ପଥ ପ୍ରସ୍ତୁତ କରିବାକୁ ପଡ଼ିବ। ଏପ୍ରିଲ ୨୨ ପହଲଗାମ ଆତଙ୍କବାଦୀ ହମଲା ପରେ ପାକିସ୍ତାନ ପୂରା ଡରି ଯାଇଛି। ଭାରତ ପଟୁ ଆକ୍ରମଣର ଭୟ ଥିବାରୁ ପାକିସ୍ତାନୀ ବିମାନଗୁଡ଼ିକ ଭାରତର ଆକାଶ ପଥ ବ୍ୟବହାର କରୁ ନାହାନ୍ତି। ଏବେ ଭାରତ ସରକାର ଆକାଶ ପଥକୁ ପାକିସ୍ତାନ ବିମାନଗୁଡ଼ିକ ପାଇଁ ବନ୍ଦ କଲେ, ଇସଲାମାବାଦ ଅନେକ ସମସ୍ୟାରେ ପଡ଼ିବ। ପାକିସ୍ତାନ ବିମାନ ଗୁଡ଼ିକ ଅଧିକ ଇନ୍ଧନ ଖର୍ଚ୍ଚ କରି ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବାକୁ ବାଧ୍ୟ ହେବେ। ଆକାଶ ପଥ ବ୍ୟତୀତ ବୁଧବାର ସିସିଏସ୍ ବୈଠକରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇ ପାରେ। ଏବେ ଭାରତର ବିଭିନ୍ନ ପୋର୍ଟକୁ ପାକିସ୍ତାନୀ ଜାହାଜ ଆସୁଛି। ପାକିସ୍ତାନକୁ ଆର୍ଥିକ ସ୍ତରରେ ଦୁର୍ବଳ କରିବା ପାଇଁ ଭାରତ ସରକାର ବିଭିନ୍ନ ପୋର୍ଟକୁ ଆସୁଥିବା ପାକିସ୍ତାନୀ ଜାହାଜ ଉପରେ ମଧ୍ୟ ବ୍ୟାନ ଲଗାଇ ପାରନ୍ତି। ଏପ୍ରିଲ ୨୩ରେ ଭାରତ ସରକାରଙ୍କ କୂଟନୀତିକ ଗୋଟି ଚାଳନାରେ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ପାକିସ୍ତାନ ଭାରତୀୟ ବିମାନ ଗୁଡ଼ିକ ପାଇଁ ତା’ର ଆକାଶ ପଥକୁ ବନ୍ଦ କରି ଦେଇଥିଲା। ଏଥିଯୋଗୁ ୟୁରୋପ ଓ ଦକ୍ଷିଣ ଆମେରିକାକୁ ଯାଉଥିବା ଭାରତୀୟ ବିମାନ ଗୁଡ଼ିକ ଆରବ ସାଗର ଉପର ଦେଇ ଯାତ୍ରା କରୁଛନ୍ତି। ଏଥିପାଇଁ ଅଧିକ ଇନ୍ଧନ ଖର୍ଚ୍ଚ ହେଉଛି ଓ ଅଧିକ ସମୟ ଲାଗୁଛି। ତଥାପି ଭାରତୀୟ ବିମାନ ଗୁଡ଼ିକ ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି। ହେଲେ ପାକିସ୍ତାନ ଆକାଶ ପଥ ଦେଇ ବିମାନ ଯିବା ବେଳେ ଦେଶକୁ ମିଳୁଥିବା ଓଭର ଫ୍ଲାଇଟ ଫି’ ଇସଲାମାବାଦ ଏବେ ହରାଇ ଦେଇଛି। ପାକିସ୍ତାନକୁ ଆଉ ବିମାନ କମ୍ପାନୀଗୁଡ଼ିକ ଦେଉଥିବା ଫି’ ମିଳିବ ନାହିଁ। ୨୦୧୯ ଜୁଲାଇ ମାସରେ ପ୍ରକାଶିତ ରିପୋର୍ଟରେ କୁହାଯାଇଥିଲା ଯେ ପୁଲୱାମା ଆକ୍ରମଣ ପରେ ପାକିସ୍ତାନ ତା’ର ଆକାଶ ପଥକୁ ଭାରତ ପାଇଁ ବନ୍ଦ କରିଥିଲା। ଏଥିଯୋଗୁ ପାକିସ୍ତାନ ପ୍ରାୟ ୧୦୦ ମିଲିୟନ ଡଲାରର କ୍ଷତି ସହିଥିଲା। ଆକାଶ ପଥ ବନ୍ଦ ଯୋଗୁ ଦୈନିକ ୪୦୦ ବିମାନ ପ୍ରଭାବିତ ହେଉଥିଲେ। ପାକିସ୍ତାନର ବେସାମରିକ ବିମାନ ଚଳଚଳ ପ୍ରାଧିକରଣ ବା ସିଏଏ ଓ ପାକିସ୍ତାନ ଅନର୍ଜାତୀୟ ଏୟାରଲାଇଇନ୍ସ ବା ପିଆଇଏକୁ ବଡ଼ଧରଣର କ୍ଷତି ସହିବାକୁ ପଡ଼ିଥିଲା। ତଥ୍ୟରୁ ଜଣାପଡ଼ିଥିଲା ଯେ ବୋଇଂ ୭୩୭ ପାକିସ୍ତାନ ଆକଶ ପଥକୁ ବ୍ୟବହାର କଲେ ଓଭର ଫ୍ଲାଇଟ ଫି’ ବାବଦରେ ୫୮୦ ଡଲାର ଦେବାକୁ ପଡ଼ିଥାଏ। ଏହା ଠାରୁ ବଡ଼ବଡ଼ ବିମାନ ପାଇଁ ଅଧିକ ଫି’ ଲାଗି ଥାଏ। ଅଧିକାରୀମାନେ ଆକଳନ କରିଥିଲେ ଯେ ୨୦୧୯ରେ ପାକିସ୍ତାନ ଆକାଶ ପଥ ବନ୍ଦ କରିଥିବାରୁ ସିଏଏକୁ ଦୈନିକ ୨୩୨,୦୦୦ ଡଲାରର କ୍ଷତି ରହିଥିଲା। ଯଦି ଏଥିରେ ଲ୍ୟାଣ୍ଡିଂ ଓ ପାର୍କିଂକୁ ଯୋଡ଼ା ଯାଏ, ତା’ହେଲେ ଦୈନିକ ରାଜସ୍ୱ କ୍ଷତି ୩୦୦,୦୦ ଡଲାରରେ ପହଞ୍ଚିବ। ପାକିସ୍ତାନ ଅନ୍ତର୍ଜାତୀୟ ଏୟାରଲାଇନ୍ସ ମଧ୍ୟ ଅନ୍ତର୍ଜାତୀୟ ରାସ୍ତାର ନିଲମ୍ବନ ଓ ଘରୋଇ ରାସ୍ତାରେ ଦୀର୍ଘ ସମୟର ଯାତ୍ରା ଯୋଗୁ ପ୍ରତଦିନ ୪୬୦,୦୦୦ ଡଲାରର କ୍ଷତି ସହିଥିଲା। ଏହାର ଅର୍ଥ ସିଏଏ ଓ ପିଆଇଏର କ୍ଷତିକୁ ମିଶାଇଲେ ଦୈନିକ ରାଜସ୍ୱହାନୀର ପରିମାଣ ୭୬୦,୦୦୦ ଡଲାର ଛୁଇଁଥିଲା। ଫଳ ସ୍ୱରୁପ କଟକଣା ହଟାଇବା ବେଳକୁ କ୍ଷତି ପ୍ରାୟ ୧୦୦ ମିଲିୟର ଡଲାର ଛୁଇଁ ସାରିଥିଲା। ଏବେ ପହଲଗାମ ଆକ୍ରମଣ ପରେ ପାକିସ୍ତାନ ପୁଣି ଆକାଶ ପଥକୁ ବନ୍ଦ କରିଛି। ତେଣୁ ପାକିସ୍ତାନ ସମାନ ଧରଣର କ୍ଷତି ସହିବାକୁ ଯାଉଛି। ଏୟାର ଇଣ୍ଡିଆ ଓ ଇଣ୍ଡିଗୋ ପକ୍ଷରୁ କୁହାଯାଇ ସାରିଛି ଯେ ସେମାନଙ୍କର କିଛି ଅନ୍ତର୍ଜାତୀୟ ବିମାନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଦିଲ୍ଲୀ, ଅମୃତସର, ଜୟପୁର, ଲକ୍ଷ୍ନୌ ଓ ବାରାଣସୀ ଭଳି ସହରରୁ ଉଡ଼ାଣ କରୁଥିବା ବିମାନଗୁଡ଼ିକ ବାଧ୍ୟ ହୋଇ ବୁଲିବୁଲି ଯାଉଛନ୍ତି। ପାକିସ୍ତାନ ବଦଳରେ ବିମାନଗୁଡ଼ିକୁ ଆରବ ସାଗର ଉପରେ ଥିବା ଲମ୍ବା ରାସ୍ତାକୁ ବ୍ୟବହାର କରୁଛନ୍ତି। ଜଣେ ବରିଷ୍ଠ ପାଇଲଟ କହିଛନ୍ତି, ପାକିସ୍ତାନର ଆକାଶ ପଥ ବନ୍ଦ ଥିବାରୁ ଆମେରିକା ଓ ୟୁରୋପ ଗସ୍ତ ପାଇଁ ଅଧିକ ୨ରୁ ୨.୫ ଘଣ୍ଟା ସମୟ ଲାଗିବ। ଏଥିଯୋଗୁ ଅଧିକ ଇନ୍ଧନ ଲାଗିବ ଓ ସମୟ ଖର୍ଚ୍ଚ ହେବ। ସେହିପରି ସବୁ କିଛି ବିଳମ୍ବିତ ହେବ। ଦିଲ୍ଲୀ, ଅମୃତସର, ଜୟପୁର, ଲକ୍ଷ୍ନୌ ଓ ବାରାଣସୀ ଭଳି ସହରରୁ ଉଡୁଥିବା ବିମାନ କଟକଣା ଦ୍ୱାରା ସିଧାସଳଖ ପ୍ରଭାବିତ ହୋଇଛନ୍ତି।

### ଦୀର୍ଘ ୨୬ ଦିନ ପରେ...

ବିଭିନ୍ନ ଭାର ପ୍ରସ୍ତୁତ କରିଥିଲେ। ପୁଜାର୍ଚ୍ଚନା ପରେ ବିଳମ୍ବିତ ରାତିରେ ଦେଶୀବେହେରାଙ୍କ ପତ୍ନୀ ପି.ଦେବକୀ ମା’ଙ୍କ ମୁଖ୍ୟ ଘଟକୁ ମଣ୍ଡନ କରିଥିବା ବେଳେ ଅନ୍ୟ ୮ଟି ପାର୍ଶ୍ୱ ଘଟକୁ ସେନାପତିଙ୍କ ସ୍ତ୍ରୀମାନେ ମଣ୍ଡନ କରି ବାହାରିଥିଲେ। ଆଉ ସହସ୍ରାକ୍ଷି ଘଟକୁ ଶାଶୁଘର ପକ୍ଷରୁ ଭବାନୀ ମଣ୍ଡନ କରିଥିଲେ। ଏହି ଘଟ ମା’ଙ୍କ ଘଟକୁ ବାଟକଢେଇ ନେଇଥିଲା। ଘଣ୍ଟଘଣ୍ଟା, ଢୋଲ ମୃଦଙ୍ଗ ଗିନି ଆଦି ବିଭିନ୍ନ ବାଦ୍ୟରେ ପ୍ରକଂପିତ ହୋଇଥିଲା ସାରା ସହର। ବିରାଟ ପଟୁଆରରେ ମା’ବାହାରିଥିଲେ ଶାଶୁଘର ଅଭିମୁଖେ ଆଉ ମା’ଙ୍କ ଏହି ଘଟ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ। ଉପବାସ କରି ନିଷ୍ଠାର ଓ ଭକ୍ତି ଧର୍ଯ୍ୟର ସହ ଚାଲି ଚାଲି ମା’ଙ୍କ ପଛେ ପଛେ ଚାଲିଥିଲେ। ମା’ଙ୍କ ମୁଖ୍ୟ ଘଟ ସହ ପାଶ୍ୱ ଘଟ ମନ୍ଦିରକୁ ଯିବା ପରେ ହଜାର ହଜାର ସଂଖ୍ୟାରେ ମାନସିକଧାରୀମାନେ ଘଟ ଧରି ମା’ଙ୍କ ମନ୍ଦିରରେ ଯାଇ ଘଟକୁ ବିସର୍ଜନ କରିଥିଲେ। ମା’ଦୀର୍ଘ ୨୬ ଦିନ ରହିବା ପରେ ଶାଶୁ ଘର ଫେରିଥିବା ଯୋଗୁଁ ସମସ୍ତ ଘଟଧାରୀ ମହିଳାଙ୍କ ଆଖିରୁ ଝରିପଡିଥିଲା ଲୁହର ଧାର। ଅସ୍ଥାୟୀ ମନ୍ଦିରରୁ ବାହାରି ମା’ ନଡିଆଗୁର୍ଜି, ସାନବଜାର, ବାଚୁବାରି ସାହି, ଖାସ୍ସା ସାହି ଏପରି ଅନେକ ସାହି ପରିକ୍ରମା କରିବା ପରେ ମା’ଙ୍କ ଘଟ ପହଞ୍ଚିଥିଲା ଜଉରାସାହିରେ। ସେଠାରେ ମା’ଙ୍କ ମାଉସୀ ମା’ ଘରେ ପୋଡପିଠା, ଗଜାମୁଗ, ମିଠା ଆଦି ବିଭିନ୍ନ ପ୍ରକାରର ବ୍ୟଞ୍ଜନ ଭୋଗ ଲାଗି ପରେ ବାହାରିଥିଲେ। ମାଉସୀ ମା’ଘରେ ପୋଡପିଠା ଖାଇ ଯିବା ବେଳେ ମାଉସୀ ମା’ ସାହି ବାସିନ୍ଦା ଭାବବିହୋଳ ହୋଇଥିଲେ। ଜଉରା ସାହି ପରିକ୍ରମା କରିବା ପରେ ମା’ ଆଉ କିଛି ସାହି ପରିକ୍ରମା କରି ବାହାରିଥିଲେ ମୁଖ୍ୟ ମନ୍ଦିର ଅଭିମୁଖେ। ସେପଟେ ମା’ଙ୍କ ଘଟ ଭୋର ୪ଟା ବେଳେ ପହଞ୍ଚିଥିଲା ମୁଖ୍ୟ ମନ୍ଦିରରେ। ମୁଖ୍ୟମନ୍ଦିରରେ ପହଞ୍ଚିବା ପରେ ଆନନ୍ଦିତ ହୋଇଥିଲେ ମା’ଙ୍କ ଶାଶୁ ଘର ଲୋକେ। ଆଉ ମା’ଙ୍କୁ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା କରିଥିଲେ। ମା’ଙ୍କୁ ପାଇ ଶାଶୁ ଘର ଲୋକେ ଖୁସି ପ୍ରକଟ କରିଥିବା ବେଳେ ମା’ଙ୍କ ବାପା ଦୁଃଖରେ ଭାଙ୍ଗି ପଡିଥିଲେ। ସେପଟେ ଲକ୍ଷାଧିକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ପୋଲିସ ମୁତୟନ ହୋଇଥିଲେ।

## ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ

ସମ୍ବଲପୁର, (ଡିକେ ନ୍ୟୁଜ୍): ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ରବି ଋତୁ ପାଇଁ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ ୧୪ରୁ ଧାନ ସଂଗ୍ରହ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ତେବେ ଏହି ବୈଠକକୁ ଚାଷୀ ସଙ୍ଗଠନ ବିରୋଧ କରି ବର୍ଜନ କରିଛି। ଚଳିତ ରବି ଋତୁରେ ୧୬,୫୦୪ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ସମୁଦାୟ ଯାଞ୍ଚ ହୋଇଥିବା ଚାଷୀଙ୍କ ସଂଖ୍ୟା ୧୬,୪୯୦ ରହିଛି। ଧାନ କ୍ରୟ ପାଇଁ ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସହ ୩୨ଟି ପ୍ରାଥମିକ କୃଷି ସମବାୟ ସମିତି/ବୃହତ ଅଞ୍ଚଳ ବହୁମୁଖୀ ସମିତି ଅଂଶଗ୍ରହଣ କରିବେ। ମୋଟ ୫୮ଟି ଧାନ କ୍ରୟ କେନ୍ଦ୍ର ଖୋଲାଯିବ। ଏଥିରେ ୪୬ଜଣ କଷ୍ଟମ ମିଲର ଅଂଶଗ୍ରହଣ କରିବେ। ପି-ପାସ୍ (ଅନଲାଇନ୍ ମୋଡରେ ରିଅଲ୍ ଟାଇମ୍ କ୍ରୟ) ମାଧ୍ୟମରେ କ୍ରୟ କରାଯିବ ଯେଉଁଠାରେ କେନ୍ଦ୍ରୀୟ ଟୋକନ୍ ଜାରି




କରାଯିବ। କୃଷକଙ୍କ ପଞ୍ଜୀକୃତ ମୋବାଇଲକୁ ଏସଏମଏସ ପଠାଯିବ। ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନଲାଇନ୍ ମୋଡରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଧାନର ମୂଲ୍ୟ (ସର୍ବନିମ୍ନ ସହାୟକ ମୂଲ୍ୟ) ଜମା କରାଯିବ ଏବଂ ପ୍ରତି ୭ ଦିନରେ ରିମାଇଣ୍ଡର ମେସେଜ୍ ମଧ ପଠାଯିବ। କେଏମଏସ ୨୦୨୪-୨୫ରେ ସାଧାରଣ ଧାନ ପାଇଁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦୦ ଟଙ୍କା ଏବଂ ଗ୍ରେଡ୍ ଏ’ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୨୦ ଟଙ୍କା ରହିଛି। ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟ ଗୁଡିକରେ ଯେକୌଣସି ପ୍ରକାର ଅସୁବିଧାକୁ ସମ୍ମୁଖୀନ ଓ ପ୍ରତିହତ କରିବା ନିମନ୍ତେ ଧାନ ସଂଗ୍ରହ କେନ୍ଦ୍ରରେ ଡିଜିଟାଲ ଆଦ୍ରତା ମିଟର, ୱେଟ ବ୍ରିଜ, ବିଶ୍ଳେଷଣ କିଟ, ପଲିତାରପୋଲିନ ଆଦି ଯୋଗାଇବା ସହ ପ୍ରତିକ୍ଷା କକ୍ଷ, ପାନୀୟ ଜଳ, ଲାଇଟ, ସୌଚାଳୟ, ସିସିଟିଭି ଆଦିର ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ଜିଲ୍ଲାପରିଷଦ ଅଧକ୍ଷା କୁମୁଦିନି ନାୟକ, ସମ୍ବଲପୁର ବିଧାୟକଙ୍କ ପ୍ରତିନିଧି ସମୀର ରଞ୍ଜନ ବାବୁ, କୁଚିଣ୍ଡା ବିଧାୟକଙ୍କ ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ରେଙ୍ଗାଲି ବିଧାୟକଙ୍କ ପ୍ରତିନିଧି ଫଣିଭୂଷନ ପଟ୍ଟନାୟକ, ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରଶେଖର ପଣ୍ଡା, ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଭାରପ୍ରାପ୍ତ ମୁଖ୍ୟ ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେଙ୍ଗଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, ମିଲର୍ସ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

# ବୈଭବଙ୍କ ବିସ୍ଫୋରଣ: ଆଇପିଏଲ୍ ଶତକରେ ଦ୍ରୁତତମ ଭାରତୀୟ



ଜୟପୁର, ୨୯।୪ (ହି.ସ): ବୟସ ମାତ୍ର ୧୪। ତଥାପି ଅସାଧାରଣ ବ୍ୟାଟିଂର ଅବିଶ୍ୱସନୀୟ ଚମକ ଛାଡ଼ିଛନ୍ତି ରାଜସ୍ଥାନ ରୟାଲ୍ସର କିଶୋର କ୍ରିକେଟର୍ ବୈଭବ ସୂର୍ଯ୍ୟବଂଶୀ। କ୍ରିକେଟ୍ କ୍ରିଜରେ କେବଳ ଚମକି ନାହାନ୍ତି, ରନ୍ ଝଡ଼ରେ କୋଟିକୋଟି କ୍ରିକେଟପ୍ରେମୀଙ୍କ ହୃଦୟ ଜିତି ନେଇଛନ୍ତି। ୩୫ ବଲରେ ଶତକ ଅର୍ଜନ କରି ଟ୍ୱେଣ୍ଟି-୨୦ର ଗୋଟିଏ ପାଳିରେ ତିନି ଅଙ୍କ ଛୁଇଁବାରେ ବିଶ୍ୱର ସର୍ବକନିଷ୍ଠ କ୍ରିକେଟର୍ ହେବାର ବିରଳ କୀର୍ତ୍ତିମାନ କରିଛନ୍ତି ବୈଭବ। ତାଙ୍କ ଛକା ବର୍ଷାରେ ବହୁ ଦକ୍ଷ ବୋଲରଙ୍କ ଛାତିରେ ଛନକା ପଶିଛି। ସେଥିପାଇଁ ଭାରତ ନୁହେଁ ସମଗ୍ର ବିଶ୍ୱର ନଜର ଏବେ ତାଙ୍କ ଉପରେ ପଡ଼ିଛି। କେବଳ ୧୩ ବର୍ଷ ବୟସରେ ଆଇପିଏଲ୍-୨୦୨୫ର ମେଗା ନିଲାମରେ ୧ କୋଟିରୁ ଅଧିକ ଟଙ୍କାରେ ବିକ୍ରି ହୋଇ ବିସ୍ମୟ ବାଳକ ଭାବେ ବିବେଚିତ ହୋଇଥିବା ବୈଭବ ନିଜ ଉପସ୍ଥିତି ଓ ମୂଲ୍ୟର ଯଥାର୍ଥ ସମ୍ମାନ ରଖିଛନ୍ତି। ସୋମବାର ଅନନ୍ୟ ବ୍ୟାଟିଂର ଅଲିଭା ଛାପ ଛାଡ଼ିଛନ୍ତି ସେ। ଇଶାନ୍ତ ଶର୍ମା, ମହମ୍ମଦ ସିରାଜ, ୱାସିଂଟନ୍ ସୁନ୍ଦର ଓ ରସିଦ ଖାନଙ୍କ ଭଳି ଅନ୍ତର୍ଜାତୀୟ ଖ୍ୟାତିସଂପନ୍ନ ବୋଲରଙ୍କୁ ବେଖାତିର କରି ବୈଭବ ମଧ୍ୟ ଭାରତୀୟ କ୍ରିକେଟର୍ ନୂଆ ଯୁବରାଜ ଭାବେ ଉଭା ହୋଇଛନ୍ତି। ମହମ୍ମଦ ସିରାଜଙ୍କ ପ୍ରଥମ ବଲରୁ ରକ୍ଷଣାତ୍ମକ ଢଙ୍ଗରେ ଖେଳିଥିବା ବୈଭବ ତାଙ୍କ ଦ୍ୱିତୀୟ ବଲକୁ ଛକା ମାରି ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ପରେ ୧୦୦ ଟେଷ୍ଟ୍ ଖେଳିବାର ଅଭିଜ୍ଞତା ରଖିଥିବା ଇଶାନ୍ତଙ୍କ ଗୋଟିଏ ଓଭରରୁ ୨୮ ରନ୍ ଅମଳ କରି ସମସ୍ତଙ୍କୁ ଚକିତ କରି ଦେଇଥିଲେ। ୬ଟି ବିଶାଳ ଛକା ଓ ତିନିଟି ଦର୍ଶନୀୟ ଚୌକା ବଳରେ ମାତ୍ର ୧୭ ବଲରୁ ଅର୍ଦ୍ଧଶତକ ପୂରଣ କରିନେଇଥିଲେ। ଯାହା ଚଳିତ ଆଇପିଏଲ୍ ଋତୁର ଦ୍ରୁତତମ ଅର୍ଦ୍ଧଶତକ ଥିଲା। ରାଜସ୍ଥାନ ଇତିହାସର ମଧ୍ୟ ଏହା ଦ୍ୱିତୀୟ ଦ୍ରୁତତମ ଅର୍ଦ୍ଧଶତକ ଥିଲା। କିନ୍ତୁ ସେତିକିରେ ଅଟକି ନଥିଲେ ଏହି କୁନି ଦୁର୍ଦ୍ଧର୍ଷ ବ୍ୟାଟର୍। ଆଇପିଏଲ୍ ଇତିହାସର ଅନ୍ୟତମ ନିର୍ଭୀକ ପାଳି ଖେଳି ପରବର୍ତ୍ତୀ ୨୦ ବଲରୁ ୫୦ ରନ୍ କରିବା ସହ ୩୫ ବଲରୁ ଶତକ ଅର୍ଜନ କରି ନୂଆ ଫର୍ଦ୍ଦ ଯୋଡ଼ିଥିଲେ। ଏହା ମଧ୍ୟ କ୍ରିସ୍ ଗେଲ୍ (୩୦ ବଲ୍)ଙ୍କ ପରେ ଆଇପିଏଲ୍ ଇତିହାସର ଦ୍ୱିତୀୟ ଦ୍ରୁତତମ ଏବଂ ଭାରତୀୟଙ୍କ ମଧ୍ୟରେ ଦ୍ରୁତତମ ଶତକ ଥିଲା। ନିଜ ଅବିସ୍ମରଣୀୟ ତଥା ଅଭିନବ ପାଳିରେ ୧୧ ଛକା ଓ ୭ ଚୌକା ମାରିଥିଲେ ବୈଭବ। ପୁଣି ଆଇପିଏଲରେ ଶତକ ଅର୍ଜନ କରିବାରେ ସର୍ବକନିଷ୍ଠ ଖେଳାଳି ହେବାର ନୂଆ ଇତିହାସ ରଚିଥିଲେ। ଶେଷରେ ୩୮ ବଲରୁ ୧୦୧ ରନ୍ କରିଥିଲା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ବଲରେ ବୋଲ୍ଡ ହୋଇ ପ୍ୟାଭିଲିୟନ୍ ଫେରିଥିଲେ। ହେଲେ ବୈଭବଙ୍କ ଏହି ଛକା ଝଡ଼ ଗୋଲାପି ସହର ଜୟପୁରବାସୀଙ୍କ ସହ ସମଗ୍ର ବିଶ୍ୱର କ୍ରିକେଟପ୍ରେମୀଙ୍କୁ ବିମୋହିତ କରିଥିଲା। ବୈଭବ ମଧ୍ୟ ନିଜ ତୃତୀୟ ମ୍ୟାଚରେ ପ୍ରଥମ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ। ତାଙ୍କ ପାଇଁ ରାଜସ୍ଥାନ ରୟାଲ୍ସ ବି ଚଳିତ ଆଇପିଏଲରେ ସର୍ବାଧିକ ପାୱାର ପ୍ଲେ'ସ୍କୋର୍ (୮୭) ସ୍କୋର୍ କରିବାର ରେକର୍ଡ କରି ନେଇଛି।

# ଦେଶର ଉନ୍ନତିରେ ଧ୍ୟାନ ଦିଅ, ଆଉ କେତେ ତଳକୁ ଖସିବ: ଧୱନ



ନୂଆଦିଲ୍ଲୀ, ୨୯।୪ (ହି.ସ): ଦେଶର ଉନ୍ନତିରେ ଧ୍ୟାନ ଦିଅ, ଆଉ କେତେ ତଳକୁ ଖସିବ? ପୂର୍ବତନ ପାକିସ୍ତାନ ଅଧିନାୟକ ଶାହିଦ ଆଫ୍ରିଦି ଭାରତୀୟ ସେନା ବିଷୟରେ ଅପ୍ରୀତିକର ମନ୍ତବ୍ୟ ଦେବାର ଗୋଟିଏ ଦିନ ପରେ, ପୂର୍ବତନ ଭାରତୀୟ କ୍ରିକେଟର ଶିଖର ଧୱନ ତାଙ୍କୁ ଏଭଳି ଜବାବ ଦେଇଛନ୍ତି। ଏପ୍ରିଲ ୨୨ ତାରିଖରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ବିବାଦୀୟ ବୟାନ ଦେଇଥିଲେ ଆଫ୍ରିଦି। ୨୭ ଟେଷ୍ଟ, ୩୯୮ ଦିନିକିଆ ଏବଂ ୯୯ ଟି-୨୦ ଖେଳିଥିବା ଅଭିଜ୍ଞ ଆଫ୍ରିଦି ପହଲଗାମ ଆତଙ୍କବାଦୀ ଆକ୍ରମଣ ଉପରେ ଭାରତୀୟ ସେନା ଏବଂ ଗଣମାଧ୍ୟମର କାମକୁ ଉପହାସ କରିଥିଲେ। ଧୱନ ତାଙ୍କୁ କଡ଼ା ଜବାବ ଦେଇ ଏକ୍ସରେ ପୋଷ୍ଟ କରିଛନ୍ତି ଯେ, ଆମେ ତୁମକୁ କାରଗିଲରେ ପରାସ୍ତ କରିଥିଲୁ। ତୁମେମାନେ ଏତେ ତଳକୁ ଖସିଯାଇଛ, ଆଉ କେତେ ତଳକୁ ଯିବ? ମନ୍ତବ୍ୟ ଦେବା ପରିବର୍ତ୍ତେ, ନିଜ ଦେଶର ଅବସ୍ଥା ସୁଧାରିବା ଉପରେ ଧ୍ୟାନ ଦିଅ। ଆମେ ଆମ ସେନା ଉପରେ ଗର୍ବିତ। ଉଲ୍ଲେଖଯୋଗ୍ୟ, ଆଫ୍ରିଦି ଏକ ଟିଭି ସାକ୍ଷାତକାରରେ ଯୋଗ ଦେଇ ଲେଖିଥିଲେ, କଶ୍ମୀରରେ ତୁମର ୮,୦୦,୦୦୦ ସଶକ୍ତ ସେନା ମୁତୟନ ଅଛି ବୋଲି ଦାବି କରୁଛ। ହେଲେ ଏହା ସତ୍ତ୍ୱେ ବି ଏହି ଆକ୍ରମଣ ଘଟିଛି। ଯଦି ତୁମେ ନିଜ ଲୋକମାନଙ୍କୁ ସୁରକ୍ଷା ଯୋଗାଇ ପାରୁ ନାହଁ, ତେବେ ତୁମେ ଅଯୋଗ୍ୟ। ଏହା ଆଶ୍ଚର୍ଯ୍ୟଜନକ ଯେ, ଆକ୍ରମଣର ଗୋଟିଏ ଘଣ୍ଟା ମଧ୍ୟରେ ସେମାନଙ୍କର ଗଣମାଧ୍ୟମ ବଲିଉଡରେ ପରିଣତ ହୋଇଗଲା। ମୁଁ ପ୍ରକୃତରେ ସେମାନଙ୍କ କଥାବାର୍ତ୍ତା କରିବାର ଶୈଳୀକୁ ଉପଭୋଗ କରୁଥିଲି।

# ବଢ଼ିବ ଆଇପିଏଲ କଳେବର, ଖେଳାଯିବ ୯୪ ମ୍ୟାଚ



ନୂଆଦିଲ୍ଲୀ, ୨୯।୪ (ହି.ସ): ବଢ଼ିବ ଆଇପିଏଲ କଳେବର। ମ୍ୟାଚ୍ ସଂଖ୍ୟା ୭୪ରୁ ବୃଦ୍ଧି ହୋଇ ୯୪ ହେବ। ଏ ବିଷୟରେ ସୂଚନା ଦେଇଛନ୍ତି ଆଇପିଏଲ ଅଧ୍ୟକ୍ଷ ଅରୁଣ ଧୂମାଲ। ବିସିସିଆଇ ଏ ବିଷୟରେ ଯୋଜନା କରୁଛି। ନୂଆ ଗଣମାଧ୍ୟମ ଅଧିକାର ଚକ୍ରରୁ ଏହା ଲାଗୁ ହେବ। ଅର୍ଥାତ ବର୍ତ୍ତମାନର ପ୍ରସାରଣ ଅଧିକାର ପାଇଥିବା ଡିଜନୀ ଷ୍ଟାର ଓ ଭାଏକମ-୧୮ର ଚୁକ୍ତି ୨୦୨୭ରେ ପୂରଣ ହେବ। ୨୦୨୮ରେ ନୂଆ ପ୍ରସାରଣ ଅଧିକାର ପାଇଁ ନିଲାମ ହେବ। ସେତେବେଳେ ମ୍ୟାଚ୍ ସଂଖ୍ୟା ୯୪କୁ ବୃଦ୍ଧି କରାଯିବ। ଆଇପିଏଲ୍ ଅଧ୍ୟକ୍ଷ ଧୂମାଲ କହିଛନ୍ତି, 'ପୂର୍ବରୁ ମ୍ୟାଚ୍ ସଂଖ୍ୟା ବୃଦ୍ଧି କରାଯିବା ବିଷୟରେ ବିସିସିଆଇ ବୈଠକରେ ବହୁ ଥର ଆଲୋଚନା ହୋଇଛି। ୨୦୨୮ରୁ ୯୪ ମ୍ୟାଚ୍ ଖେଳାଯିବା ନେଇ ଯୋଜନା ହେଉଛି। ଏ ବିଷୟରେ ଆଇସିସି ସହ ମଧ୍ୟ କଥାବାର୍ତ୍ତା ଚାଲିଛି। ଫ୍ରାଞ୍ଚାଇଜ, ବିଜ୍ଞାପନଦାତା, ପ୍ରସାରଣ ଏବଂ ପ୍ରଶଂସକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯିବ। ଆଇସିସି ଇଭେଣ୍ଟ ଏବଂ ଦ୍ୱିପାକ୍ଷିକ ସିରିଜକୁ ଗୁରୁତ୍ୱ ଦେଇ ମ୍ୟାଚର ସଂଖ୍ୟା ବୃଦ୍ଧି ହେବ। ଚଳିତ ସଂସ୍କରଣରେ ୧୦ଟି ମ୍ୟାଚ୍ ବୃଦ୍ଧି କରାଯିବା ନେଇ ଯୋଜନା ଥିଲା। କିନ୍ତୁ ତାହା ସମ୍ଭବ ହୋଇପାରିଲା ନାହିଁ। ଯଦି ଟୁର୍ଣ୍ଣାମେଣ୍ଟରେ ୯୪ଟି ମ୍ୟାଚ୍ ଖେଳାଯାଉଛି ତେବେ ପ୍ରତ୍ୟେକ ଦଳ ଘରୋଇ ଭେନ୍ୟୁ ଓ ଘରୋଇ ଭେନ୍ୟୁ ବାହାରେ ସମାନ ଦଳ ବିପକ୍ଷରେ ଖେଳିବାର ସୁଯୋଗ ପାଇବେ।' ସେ ଆହୁରି ମଧ୍ୟ କହିଛନ୍ତି, 'ଦଳ ସଂଖ୍ୟା ବୃଦ୍ଧି କରାଯିବାର କୌଣସି ଯୋଜନା ନାହିଁ। ଏବେ ଅନ୍ତର୍ଜାତୀୟ ସୂଚୀ ବେଶ ବ୍ୟସ୍ତବହୁଳ ରହିଛି। ତେଣୁ ସବୁଦିଗକୁ ଦୃଷ୍ଟି ଦେଇ ବିଚାର ବିମର୍ଶ ଚାଲିଛି। ବର୍ଷକୁ ବର୍ଷ ଆଇପିଏଲର ଲୋକପ୍ରିୟତା ବି ବି ଚାଲିଛି। ଇତିମଧ୍ୟରେ ୧୮ତମ ସଂସ୍କରଣ ଅଧା ହେବାକୁ ବସିଲାଣି। ଦର୍ଶକ ଓ ପ୍ରଶଂସକଙ୍କ ଆଗ୍ରହକୁ ଦେଖି ସବୁ କିଛି କରାଯାଉଛି।' ଯଦି ଆଇପିଏଲରେ ମ୍ୟାଚ୍ ସଂଖ୍ୟା ବଢେ ତେବେ ଦିନ ସଂଖ୍ୟା ମଧ୍ୟ ବୃଦ୍ଧି ପାଇବ। ଯାହା ଆଶା କରାଯାଉଛି ଦିନ ବଢ଼ିଲେ ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ମଧ୍ୟଭାଗରୁ ଆରମ୍ଭ ହୋଇ ମେ' ଶେଷ ପର୍ଯ୍ୟନ୍ତ ଚାଲିବ। ୨୦୦୮ରେ ଆଇପିଏଲ ଆରମ୍ଭ ହୋଇଥିଲା। ୮ଟି ଦଳ ୫୯ ମ୍ୟାଚ୍ ୪୪ ଦିନରେ ଖେଳିଥିଲେ। ୧୫ଟି ଡବଲ ହେଡର ମ୍ୟାଚ୍ ଥିଲା। ୨୦୨୨ରୁ ଦଳ ସଂଖ୍ୟା ୧୦ ହେବା ପରେ ୭୪ଟି ମ୍ୟାଚ୍ ଖେଳାଯାଉଛି। ଦିନ ସଂଖ୍ୟା ୬୦ରୁ ୬୫ ଦିନ ମଧ୍ୟରେ ସୀମିତ ରହିଛି। ୨୦୨୨ରେ ଡିଜନୀ ଷ୍ଟାର ଏବଂ ଭାଏକମ-୧୮ ଟେଲିଭିଜନ ଓ ଡିଜିଟାଲ ପ୍ରସାରଣ ଅଧିକାର ଜିତିଥିଲେ। ୫ ବର୍ଷକୁ ସେମାନେ ୪୮,୩୯୦ କୋଟି ଟଙ୍କା ପ୍ରଦାନ କରିବେ। ୨୦୨୭ରେ ସେମାନଙ୍କର ଚୁକ୍ତି ପୂରଣ ହେବ।

# ବାସ୍କେଟ ବଲ୍ କୋଚ୍ ଭୂମିକାରେ ଆମୀର

ମୁମ୍ବାଇ, ୨୯।୪ (ହି.ସ): ୨୦୨୨ରେ ଫିଲ୍ମ 'ଲାଲ୍ ସିଂ ଚଢ଼ା' ପରଠାରୁ ଅଭିନେତା ଆମୀର ଖାନ୍ ଅଭିନୟରୁ ଦୂରେଇ ରହିଛନ୍ତି। ତେବେ ଖୁବ୍‌ଶୀଘ୍ର ତାଙ୍କୁ 'ସିତାରେ ଜମିନ ପର' ଫିଲ୍ମରେ ଦେଖିବାକୁ ମିଳିବ। ୨୦୦୭ରେ ରିଲିଜ୍ ହୋଇଥିବା ଆମୀରଙ୍କ 'ତାରେ ଜମିନ ପର' ଫିଲ୍ମର ଏହା ହେଉଛି ସିକ୍ୱେଲ। ସୋମବାର 'ସିତାରେ ଜମିନ ପର' ଫିଲ୍ମକୁ ନେଇ ଏକ ନୂତନ ଅପଡେଟ ସାମ୍ନାକୁ ଆସିଛି। ରିପୋର୍ଟ ଅନୁଯାୟୀ, ଫିଲ୍ମର ଟ୍ରେଲର ରିଲିଜ୍ ନେଇ ସେନ୍ସର ବୋର୍ଡ ପକ୍ଷରୁ ମଞ୍ଜୁରୀ ମିଳିଛି। ସେନ୍ସର ବୋର୍ଡ 'ସିତାରେ ଜମିନ ପର' ଫିଲ୍ମର ଟ୍ରେଲରକୁ 'ୟୁଏ ୧୩+' ରେଟିଂ ପ୍ରଦାନ କରିଛି। ମୋଟ ୩ ମିନିଟ ୨୯ ସେକେଣ୍ଡର ଏହି ଟ୍ରେଲରକୁ ଆସନ୍ତା ୧ ତାରିଖରେ ସିନେମାହଲଗୁଡ଼ିକରେ ଅଭିନେତା ଅଜୟ ଦେବଗନ୍‌ଙ୍କ 'ରେଡ୍ ୨' ଫିଲ୍ମର ରିଲିଜ୍ ବେଳେ ଜାରି କରାଯିବ। ତେବେ ଏହି ଫିଲ୍ମର ରିଲିଜ୍ ତାରିଖ ଉପରୁ ବର୍ତ୍ତମାନ ସୁଦ୍ଧା ପରଦା ଉଠିନାହିଁ। ଆର୍‌ଏସ୍ ପ୍ରସନ୍ନାଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଆମୀରଙ୍କ ବିପକ୍ଷରେ ଅଭିନେତ୍ରୀ ଜେନେଲିଆ ଡି'ସୁଜା ଦେଶମୁଖ ନଜରକୁ ଆସିବେ। ରିପୋର୍ଟ ଅନୁଯାୟୀ, ଫିଲ୍ମରେ ଆମୀରଙ୍କୁ ଜଣେ ରାଗୀ ଏବଂ ନିଷ୍ଠୁର ବାସକେଟବଲ୍ କୋଚ୍‌ଙ୍କ ଭୂମିକାରେ ଦେଖିବାକୁ ମିଳିବ। ତେବେ ସମୟ କ୍ରମେ ତାଙ୍କ ଆଚରଣ ଓ ବ୍ୟବହାରରେ କିପରି ପରିବର୍ତ୍ତନ ଘଟୁଛି, ସେନେଇ ଫିଲ୍ମର କାହାଣୀ ପର୍ଯ୍ୟବସିତ।






# ପାକିସ୍ତାନୀ ଡିଜାଇନରଙ୍କ ସହ ଫଟୋ ଶେୟାର କରି ଟ୍ରୋଲ ହେଲେ କରୀନା



ମୁମ୍ବାଇ, ୨୯।୪ (ହି.ସ): ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ, ଦେଶରେ ପାକିସ୍ତାନ ବିରୁଦ୍ଧରେ କ୍ରୋଧ ଶୀର୍ଷରେ ପହଞ୍ଚିଛି। ଏହି ସମୟରେ, ବଲିଉଡ ଅଭିନେତ୍ରୀ କରୀନା କପୁରଙ୍କ ପାକିସ୍ତାନୀ ଡିଜାଇନର ଫରାଜ ମନନଙ୍କ ସହ ଫଟୋ ସାମ୍ନାକୁ ଆସିଥିଲା। ଏହି ଫଟୋଗୁଡ଼ିକ ଭାଇରାଲ ହେବା ମାତ୍ରେ ସୋସିଆଲ ମିଡିଆରେ ୟୁଜର୍ସ ସେମାନଙ୍କ କ୍ରୋଧ ପ୍ରକାଶ କରିଛନ୍ତି ଏବଂ ଅଭିନେତ୍ରୀଙ୍କୁ ଖୁବ୍ ଟ୍ରୋଲ କରାଯାଉଛି। ରିପୋର୍ଟ ଅନୁସାରେ, କରୀନା କପୁର ନିକଟରେ ଏକ କାର୍ଯ୍ୟକ୍ରମରେ ଦୁବାଇ ଯାଇଥିଲେ। ସେଠାରେ ତାଙ୍କର ପରିଚୟ ପ୍ରସିଦ୍ଧ ପାକିସ୍ତାନୀ ଫ୍ୟାଶନ ଡିଜାଇନର୍ ଫରାଜ ମନନଙ୍କ ସହିତ ହୋଇଥିଲା। ଫରାଜ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ କରୀନାଙ୍କ ସହ ଉଠାଯାଇଥିବା ଫଟୋଗୁଡ଼ିକୁ ଶେୟାର କରିଛନ୍ତି। ଗୋଟିଏ ଫଟୋରେ ସେ ଲେଖିଛନ୍ତି, 'ଓଜି କରୀନା କପୁରଙ୍କ ସହିତ।' ଫଟୋଗୁଡ଼ିକରେ କରୀନା ହ୍ୱାଇଟ କର୍ସେଟ ଡ୍ରେସ ପିନ୍ଧିଥିବା ବେଳେ ଫରାଜ କଳା ଟି-ସାର୍ଟ ଏବଂ ପ୍ୟାଣ୍ଟରେ ନଜର ଆସିଛନ୍ତି। କରୀନା କପୁର ଏବଂ ଫରାଜ ମନନଙ୍କ ଫଟୋ ସାମ୍ନାକୁ ଆସିବା ମାତ୍ରେ ପ୍ରଶଂସକମାନେ ରାଗିଯାଇଛନ୍ତି। 'ତାଙ୍କୁ ପାକିସ୍ତାନ ପଠାଅ,' ଟୁଇଟରରେ ଜଣେ ୟୁଜର ଲେଖିଛନ୍ତି। ଆଉ ଜଣେ ଲେଖିଛନ୍ତି, 'ବଲିଉଡ ଲୋକମାନେ ଦେଶଦ୍ରୋହୀ, ସେମାନଙ୍କୁ ବୟକଟ କରାଯିବା ଉଚିତ।' ଅନେକ ୟୁଜର୍ କରୀନାଙ୍କ ଏହି କାର୍ଯ୍ୟକୁ ଲଜ୍ଜାଜନକ ବୋଲି କହିଛନ୍ତି ଏବଂ ଏହାକୁ ନିଲଜ୍ଜତାର ଉଦାହରଣ ବୋଲି କହିଛନ୍ତି। 'ବୟକଟ ବଲିଉଡ' ଅନେକ ସ୍ଥାନରେ ଟ୍ରେଣ୍ଡିଂ ଆରମ୍ଭ କରିଛି। ୨୨ ଏପ୍ରିଲରେ ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣ ପ୍ରାଣ ହରାଇଥିଲେ। ଏହା ପରେ, ଭାରତ ସରକାର ଏବଂ ଚଳଚ୍ଚିତ୍ର ଶିଳ୍ପ ମଧ୍ୟ ପାକିସ୍ତାନୀ କଳାକାରଙ୍କ ବିରୋଧରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ନିକଟରେ, ପାକିସ୍ତାନୀ ଅଭିନେତା ଫୱାଦ ଖାନଙ୍କ ଫିଲ୍ମ 'ଅବୀର ଗୁଲାଲ'ର ରିଲିଜ ଭାରତରେ ନିଷେଧ କରାଯାଇଛି। 'ସର୍ଦ୍ଦାର ଜୀ ୩' ଫିଲ୍ମ ମାଧ୍ୟମରେ ବଲିଉଡରେ ଡେବ୍ୟୁ କରିବାକୁ ଯାଉଥିବା ହାନିଆ ଆମିରଙ୍କୁ ମଧ୍ୟ ପ୍ରୋଜେକ୍ଟରୁ ବାହାର କରିଦିଆଯାଇଥିଲା। ଏତେ ସମ୍ବେଦନଶୀଳ ସମୟରେ, କରୀନା କପୁରଙ୍କ ପାକିସ୍ତାନୀ ଡିଜାଇନରଙ୍କ ସହ ପୋଜ ଦେଉଥିବା ଫଟୋ ଲୋକମାନଙ୍କୁ ପସନ୍ଦ ଆସି ନାହିଁ। ଗୋଟିଏ ପଟେ ଦେଶ ପାକିସ୍ତାନ ବିରୁଦ୍ଧରେ କ୍ରୋଧିତ ଥିବା ବେଳେ, କରୀନାଙ୍କ ଏହି ପ୍ରକାରର ସାର୍ବଜନୀନ ଉପସ୍ଥିତି ଲୋକଙ୍କୁ ଭୁଲ ବାର୍ତ୍ତା ଦେଉଥିବା ପରି ମନେ ହେଉଥିଲା। ଏହି କାରଣରୁ ସୋସିଆଲ ମିଡିଆରେ ବୟକଟ ଏବଂ କ୍ରୋଧର ଝଡ଼ ତୀବ୍ର ହୋଇଛି।

# ପ୍ରସିଦ୍ଧ ମାଲାୟଲମ ଚଳଚ୍ଚିତ୍ର ପ୍ରଯୋଜକ ସାଜି ଏନ କରୁଣଙ୍କ ଦେହାନ୍ତ



ତିରୁବନନ୍ତପୁରମ, ୨୯।୪ (ହି.ସ): ପ୍ରସିଦ୍ଧ ମାଲାୟଲମ ଚଳଚ୍ଚିତ୍ର ପ୍ରଯୋଜକ ତଥା ନିର୍ଦ୍ଦେଶକ ସାଜି ଏନ କରୁଣଙ୍କ ଦେହାନ୍ତ ହୋଇଛି। ସୋମବାର ତିରୁବନନ୍ତପୁରମର ଭାଜୁଥାକାଉଡ ସ୍ଥିତ ତାଙ୍କ ବାସଭବନରେ ତାଙ୍କର ମୃତ୍ୟୁ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୩ ବର୍ଷ ବୟସ ହୋଇଥିଲା। ଦୀର୍ଘ ଦିନ ଧରି ସେ ଗମ୍ଭୀର ରୋଗରେ ପୀଡିତ ଥିଲେ। ଏଥିପାଇଁ ତାଙ୍କୁ ତିରୁବନନ୍ତପୁରମର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା ଏବଂ ଦୁଇ ଦିନ ପୂର୍ବରୁ ତାଙ୍କୁ ଭାଜୁଥାକୌଡସ୍ଥିତ ତାଙ୍କ ଘରକୁ ଅଣାଯାଇଥିଲା। ସାଜି ଏନ କରୁଣଙ୍କୁ ସମ୍ପ୍ରତି ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ବଣ୍ଟନ ଉତ୍ସବରେ ଜେସି ଡାନିଏଲ୍ ପୁରସ୍କାର ୨୦୨୩ରେ ସମ୍ମାନିତ କରାଯାଇଥିଲା। ନିର୍ଦ୍ଦେଶକ ଶାଜି ଏନଙ୍କ ମୃତ୍ୟୁ ଖବର ଆସିବା ପରେ ଦକ୍ଷିଣ ଫିଲ୍ମ ଇଣ୍ଡଷ୍ଟ୍ରିରେ ଶୋକର ଛାୟା ଖେଳିଯାଇଛି। ସମସ୍ତେ ତାଙ୍କୁ ସୋସିଆଲ ମିଡିଆ ମାଧ୍ୟମରେ ମନେ ପକାଇ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି। ୧ ଜାନୁଆରୀ ୧୯୫୨ରେ କେରଳର କୋଲାମରେ ସେ ଜନ୍ମଗ୍ରହଣ କରିଥିଲେ। ଶାଜି ଏନ କରୁଣ କର୍କଟ ରୋଗରେ ମୃତ୍ୟୁ ବରଣ କରିଥିବା ନିଶ୍ଚିତ ହୋଇଛି। ଭାରତର କିଛି ସମ୍ମାନିତ ଚଳଚ୍ଚିତ୍ର ନିର୍ମାତାଙ୍କ ମଧ୍ୟରୁ ଜଣେ। ସାଜି ଶିଳ୍ପରେ ତାଙ୍କ କାମ ପାଇଁ ବେସ୍ ଜଣାଶୁଣା ଥିଲେ। ସେ ତାଙ୍କର ପ୍ରଥମ ଫିଚର ଫିଲ୍ମ, ପିରାଭି (୧୯୮୮) ସହିତ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, ଯାହା ୧୯୮୯ କାନ୍ସ ଫିଲ୍ମ ଫେଷ୍ଟିଭାଲରେ କ୍ୟାମେରା ଡି'ଅର - ମେନସନ୍ ଡି'ଅନର୍ ଜିତିଥିଲା। ତାଙ୍କ ନିର୍ଦ୍ଦେଶିତ ଫିଲ୍ମ 'ପିରଭି', 'ସ୍ୱାହମ୍' (୧୯୯୪) ଏବଂ 'ବନପ୍ରସ୍ଥମ୍' (୧୯୯୯) ଏବେ ବି ଦର୍ଶକଙ୍କ ପସନ୍ଦରେ ରହିଛି। ତାଙ୍କର ଶେଷକୃତ୍ୟ ଥାଇକୌଡର ସନ୍ଥିକାବଡୋମରେ ସମ୍ପନ୍ନ ହେବ। ତାଙ୍କ ପରିବାରରେ ତାଙ୍କ ସ୍ତ୍ରୀ ଅନସୂୟା ଦେବକୀ ୱାରିଅର ଏବଂ ଦୁଇ ପୁଅ ଆପୁ ଏବଂ ଅନିଲ ଅଛନ୍ତି।









କାର୍ଯ୍ୟନିର୍ବାହୀ ସମ୍ପାଦକ-ସିମାଞ୍ଚଳ ପଟ୍ଟନାୟକ
Executive Editor-Simanchall Pattnaik
Printed and Published by Dr. Akshaya Kumar Patnaik, On behalf of<Dumani Infrastructure Pvt. Ltd., Published at Plot No. 753/1944, Raghunathpur Jali, Nandan Kanan Road, Bhubaneswar, 751024<&<Printed at Gayatri Industries, TS-3/193, Mancheswar Ind. Estate, Bhubaneswar-751010, Email : dumanikhabar2020@gmail.com, dumanikhabar.advt@gmail.com
Phone-0674-2975387
Mob: 9090962011
ସଂପାଦକ - ଡ. ଅକ୍ଷୟ କୁମାର ପଟ୍ଟନାୟକ
Editor - Dr.Akshaya Kumar Patnaik